**ଜବରଦଖଲରେ ଜଳପଥ**

# ଜଳଧାରଣ କ୍ଷମତା ହରାଇଛି ଗୋବରୀ

ପଟ୍ଟାମୁଣ୍ଡାଇ,୨୬।୪(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ସହର ଆଖପାଖ ଅଞ୍ଚଳରେ ଥିବା ଗୋବରୀ ନଦୀ, ପ୍ରାକୃତିକ ନାଳ, କେନାଲ, ନୟନଯୋରି ଓ ଜଳାଶୟଗୁଡ଼ିକ ଜବରଦଖଲ ହୋଇ କୋଠାବାଡି ଗଢି ଉଠିଛି । ଫଳରେ ଜଳଉତ୍ସଗୁଡିକ ସଙ୍କୁଚିତ ହେବା ସହ ଜଳଧାରଣା କ୍ଷମତା ହ୍ରାସ ପାଇ ଶୁଖିଲା ପଡିଛି । ମାତ୍ର ଜବରଦଖଲକାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଗତ କିଛିଦିନ ହେବ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସେପଟେ ଜବରଦଖଲ ଯୋଗୁ ଗୋବରୀ ନଦୀ ଶୁଖିଲା ପଡିଥିବା ବେଳେ କେନାଲରେ ପାଣି ନାହିଁ । ଜଳ ଉତ୍ସ ଶୁଖିଲା ପଡିଥିବାରୁ ଗୃହପାଳିତ ପ୍ରାଣୀଙ୍କ ପାଇଁ ଲୋକେ ହଇରାଣ ହେଉଛନ୍ତି । ଗୋବରୀ ନଦୀରେ ଯେତିକି ଜଳ ଅଛି ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି । ଜିଲ୍ଲା ଓ ପଟ୍ଟାମୁଣ୍ଡାଇ ତହସିଲ ପ୍ରଶାସନ ପ୍ରାକୃତିକ ନାଳ ଓ ଜଳାଶୟଗୁଡ଼ିକୁ ଜବରଦଖଲମୁକ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

ପଟ୍ଟାମୁଣ୍ଡାଇ ଅଞ୍ଚଳ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ଜଳ ଗତ ୫ଦଶନ୍ଧି ପୂର୍ବରୁ ଗୋବରୀ ନଦୀରେ ସଂଯୋଗ ହୋଇ ପୌରାଞ୍ଚଳ ସମେତ ଗ୍ରାମାଞ୍ଚଳର ୧୦ ପଞ୍ଚାୟତବାସୀଙ୍କ ଜୀବନଜୀବିକାକୁ ସମୃଦ୍ଧ କରିଆସୁଥିଲା । ଏହି ନଦୀଜଳକୁ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଉଥିଲା । ମାତ୍ର ଗତ ୩ ଦଶନ୍ଧି ପୂର୍ବରୁ ବ୍ରାହ୍ମଣୀ-ଗୋବରୀ ସଂଯୋଗ ପଥ ସାଇଫନକୁ ବନ୍ଦ କରିଦିଆଗଲା । ଫଳରେ ଗୋବରୀ ନଦୀ ଜଳଧାରଣ କ୍ଷମତା ହରାଇ କ୍ରମଶଃ ପୋତି ହୋଇ ପୁରୁଣା ପୋତା ଗୋବରୀରେ ପରିଣତ ହେଲା । ପ୍ରଭାବଶାଳୀମାନେ ତହସିଲ ଓ ଚକବନ୍ଦୀ କାର୍ଯ୍ୟାଳୟର ଦୁର୍ନୀତିଖୋର ଅଫିସରଙ୍କୁ ଧରି ନଦୀ କିସମ ପରିବର୍ତ୍ତନ କରି ନିଜ ନାମକୁ ଖତିଆନ କରାଇ ନେବାରେ ସକ୍ଷମ ହେଲେ । ସମ୍ପ୍ରତି ସେଠାରେ ବଡବଡ ଅଟାଳିକା ସହିତ



ଶୁଖିଲା ପଡିଛି ଗୋବରୀ ନଦୀ ।

କଲୋନୀ ହେବାରୁ ଗୋବରୀନଦୀ ପୋତି ହୋଇ ଶୁଖିଲା ପଡିଛି । ଫଳରେ ଆଖପାଖ ଜଳଉତ୍ସରେ ମଧ୍ୟ ପାଣି ରହୁନାହିଁ ।

ଗୋବରୀ ନଦୀ ପୁନରୁଦ୍ଧାର ପାଇଁ ସରକାରୀସ୍ତରରେ କୋଟି କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଉଛି । ୨୦୧୧-୧୨ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ସମୁଦାୟ ୧୧.୩୩ କୋଟି ବ୍ୟୟରେ ନଦୀର ମାଟିଖୋଳା ଓ ଦଳ ସଫା କାର୍ଯ୍ୟ ହୋଇଥିଲା । ପୁନଶ୍ଚ ୨୦୨୬-୨୭ ଆର୍ଥିକ ବର୍ଷରେ ୬ କୋଟି ବଜେଟ୍ କରାଯାଇ ଶିଳାନ୍ୟାସ ହୋଇଛି । ବାରମ୍ବାର ସରକାରୀ ତହବିଲରୁ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ଜବରଦଖଲ ଉଚ୍ଛେଦ ଓ ଗୋବରୀ ନଦୀର ପୁନରୁଦ୍ଧାର ଠିକ୍ ଢଙ୍ଗରେ ହୋଇ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଗୁଳୁଗୁଳି ସାଙ୍ଗକୁ ତାପମାତ୍ରା ବୃଦ୍ଧି ଓ ଟାଣ ଖରା ପାଇଁ ବିଲରେ ପନିପରିବା ଫସଲ ଜଳି ମରି ଯାଇଥିବା ଦେଖିବାକୁ ମିଳୁଛି । ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଓ ଏଥିରୁ ବାହାରିଥିବା ଶାଖା କେନାଲଗୁଡିକ ଶୁଖିଲା ପଡିଛି । ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ତାପମାତ୍ରା ହ୍ରାସ ନ ହେଲେ ପରିସ୍ଥିତି ଅଧିକ ଜଟିଳ ହୋଇ ପଡିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀ ପ୍ରବୀର ନାୟକ, ବିଜୟ ଦାସ, ଦାଶରଥି ସାହୁ, କ୍ଷୀରୋଦ ମଲିକ ପ୍ରମୁଖ କହିଛନ୍ତି । ଏ ସମ୍ପର୍କରେ ଗତ ସୋମବାର ଜନଶୁଣାଣି ଶିବିରରେ କେନ୍ଦ୍ରାପଡା ଜିଲାପାଳ ରଘୁରାମ ଆର.ଆୟରଙ୍କୁ ପଚାରିବାରେ ଗୋବରୀ ଜବରଦଖଲ ଉପରେ ଅଭିଯୋଗ ଆସିଛି । ଘଟଣାର ତଦନ୍ତ କରିବାକୁ ତହସିଲଦାରଙ୍କୁ କୁହାଯାଇଛି ବୋଲି ସେ କହିଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିଲେ ପଞ୍ଚାୟତବାସୀ

ରାଜକନିକା,୨୬।୪(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ବିଭିନ୍ନ ପଞ୍ଚାୟତବାସୀ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୩ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ । ତରାସ ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ଅଞ୍ଚଳରୁ ଆସିଥିବା ମହିଳା ଏବଂ ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଶୁଣିଥିଲେ । ଭାଜପା ନେତା ରାଜନାରାୟଣ ଜେନାଙ୍କ ସାନ୍ନିଧ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଭାଜପା ତରାସ ପଞ୍ଚାୟତ ପ୍ରମୁଖ ଭରତ ଚନ୍ଦ୍ର ବାରିକ, ମନ୍ କୀ ବାତ୍ ସଂଯୋଜକ ଶୁଭ୍ରଜିତ୍ ବିଶ୍ୱାଳ, ୨୮ ନମ୍ବର ଜୋନ୍ ସାଧାରଣ ସମ୍ପାଦକ ପ୍ରିୟ ରଞ୍ଜନ ନାୟକ, ବୁଥ୍ ସଭାପତି ଦୋଳଗୋବିନ୍ଦ ନାୟକ, ସୁମନ୍ତ କୁମାର ନାୟକ, ବିରଞ୍ଚି ନାରାୟଣ ନାୟକ, ଯୁବନେତା ଦେବଜ୍ୟୋତି ଜେନା, ସୌମ୍ୟରଞ୍ଜନ ବିଶ୍ୱାଳ, ରାକେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ମନ୍ କୀ ବାତ୍ ଶୁଣାଣି କାର୍ଯ୍ୟକ୍ରମ ପରେ ଉପସ୍ଥିତ ଜନସାଧାରଣ ସୁଦୃଢ଼ ଭାରତ ଗଠନ ପାଇଁ ସଙ୍କଳ୍ପ ନେଇଥିଲେ ।

# ସିବିଏସ୍ଇ ଦଶମ ବାର୍ଷିକ ପରୀକ୍ଷାର କୃତୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ



ଉନ୍ନତି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପାଟକୁରା, ୨୬।୪(ରବୀନ୍ଦ୍ର ନାଥ ବାରିକ)

ସିବିଏସ୍ଇ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ୨୦୨୫-୨୦୨୬ରେ କେନ୍ଦ୍ରାପଡ଼ା ଜିଲାରେ ଦ୍ୱିତୀୟ ସ୍ଥାନରେ ରହିଥିବା ଉନ୍ନତି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେ ଶତକଡା ୯୮ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ସେ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଥିଲେ । ଗରଦପୁର ବ୍ଲକ ଭଦକମଳ ପଞ୍ଚମୁଖୀ ହନୁମାନ ପୂଜା କମିଟି ତରଫରୁ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହି ଭଦକମଳର ଅଶ୍ୱିନୀ କୁମାର ନାୟକ ଓ କାମିନୀ ନାୟକଙ୍କ କନ୍ୟା ହେଉଛନ୍ତି ଉନ୍ନତି । ଆଦର୍ଶ ଶିକ୍ଷକ ସ୍ୱର୍ଗତ ଅଲେଖ ଚରଣ ନାୟକଙ୍କର ସେ ହେଉଛନ୍ତି ନାତୁଣୀ । ତାଙ୍କର ଏହି ସଫଳତା ପାଟକୁରା ଅଞ୍ଚଳକୁ ଗୌରବାନ୍ୱିତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସମ୍ବର୍ଦ୍ଧନା ସଭାରେ ଅମରେନ୍ଦ୍ର ଦାସ, ସୁଧାକର ପରିଡ଼ା, ଅଧ୍ୟାପକ ଅନିଲ କୁମାର ଦାସ, ସୁନାକର ଜେନା, ଗୌତମ ମହାପାତ୍ର, ଜିତେଶ ସୂତାର, ଚନ୍ଦନ ସେଠୀ, ଅମିତାଭ ଦାସ, ଉମାକାନ୍ତ ଦାସ, ସାଗର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍କୁଲ ସମୟର ସ୍ମୃତି ମନେପକାଇଲେ

କେନ୍ଦ୍ରାପଡ଼ା, ୨୬।୪(ଜଗନ୍ନାଥ ଧଳ)

**ତରଡ଼ିପାଳ ଉଚ୍ଚ ବିଦ୍ୟାଳୟ ୧୯୯୫ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ, ଗୁରୁପୂଜନ**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ିପାଳ ଉଚ୍ଚ ବିଦ୍ୟାଳୟର ୧୯୯୫ ମାଟ୍ରିକ୍ ବ୍ୟାଚ୍ ପକ୍ଷରୁ ଗୁରୁ ପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକୁମାର ବିଶ୍ୱାଳଙ୍କ ସଭାପତିତ୍ୱ ଓ ପୁରାତନ ଛାତ୍ର କବିନ୍ଦ୍ର ଦାଶ ଓ ଅମୀର ସେଠୀଙ୍କ ସଂଯୋଜନାରେ ବିକାଶ ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ । ଆୟୋଜିତ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ପୂର୍ବରୁ ଯେଉଁ ଗୁରୁ ଓ ବନ୍ଧୁ ମାନେ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଗୁରୁପୂଜନ ଉତ୍ସବରେ ପୂର୍ବତନ ଶିକ୍ଷକ କାଙ୍ଗାଳି ଚରଣ ଦାସ, ପର୍ଶୁରାମ ବିଶ୍ୱାଳ, ଦିବାକର ମହାରଣା, ଆହ୍ଲାଦିନୀ ଭଦ୍ର, ବରିଷ୍ଠ ଖେଳ ଶିକ୍ଷକ ସୁଶୀଲ କୁମାର ବିଶ୍ୱାଳ, ବିଚିତ୍ର ସାମଲ, ପଦ୍ମିନୀ ରାଉତ, ସୁବାସ ମଜୁମ୍‌ଦାର, ଭଞ୍ଜକିଶୋର ଜେନା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଗୌରବମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରୀଛାତ୍ର ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ଗୁରୁପୂଜନ ଉତ୍ସବରେ ଛାତ୍ରୀଛାତ୍ରମାନେ ଗୁରୁମାନଙ୍କୁ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଦୀର୍ଘ ୩୦ ବର୍ଷ ପରେ ପିଲାଦିନର ସାଙ୍ଗଙ୍କୁ ନିକଟରେ ପାଇ ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ । ସ୍କୁଲର ରଙ୍ଗ ବଦଳିଛି, କିନ୍ତୁ ଅତୀତର ସ୍ମୃତି ଏବେ ବି କାଲି ପରି ଲାଗୁଛି । ସ୍ମୃତି ଚାରଣ କରିବା ସହିତ ସାମାଜିକ ପରିଚୟ ଓ ପ୍ରତିଷ୍ଠା ଦେଇଥିବା ଏହି ମହାନ୍ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ଛାତ୍ରୀଛାତ୍ର ଶପଥ ନେଇଥିଲେ । ବର୍ତ୍ତମାନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟବତୀ ସାହୁ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ ।



ବନ୍ଧୁ ମିଳନରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ।

# ଭାଜପାର ଗାଁକୁ ଚାଲ ଅଭିଯାନର ଶୁଭାରମ୍ଭ



ଗାଁକୁ ଚାଲ ଅଭିଯାନରେ ସାମିଲ ଭାଜପା ନେତା ଓ କର୍ମୀ ।

ରାଜକନିକା,୨୬।୪ (ସଞ୍ଜୟ କୁମାର ଦାଶ)

ଆଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଜକନିକା ବ୍ଲକ ଜାଗୁଲାଇପଡା ପଞ୍ଚାୟତରୁ ଭାଜପାର ଗାଁକୁ ଚାଲ ଅଭିଯାନ ରବିବାର ଶୁଭାରମ୍ଭ ହୋଇଛି । ଆଳି ନିର୍ବାଚନମଣ୍ଡଳୀ ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଜାଗୁଲାଇପଡା ଗାଁ ମୁଣ୍ଡରୁ ମହାତ୍ମା ଗାନ୍ଧୀ ଓ ଗାନ୍ଧୀ ସେବକ ରଘୁ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଅଭିଯାନ ଆରମ୍ଭ ହୋଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଓ ପ୍ରକୃତ ହିତାଧିକାରୀ ସରକାରୀ ଯୋଜନା ଠିକ୍ ଭାବେ ପାଉଛନ୍ତି ନା' ନାହିଁ ତାହାର ଯାଞ୍ଚ ସହ ଲୋକମାନଙ୍କୁ ଭେଟି ପଚାରି ବୁଝିଥିଲେ । ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି କ୍ରମରେ ପଞ୍ଚାୟତର ଜାଗୁଲାଇପଡା, ଏକତଲା, ମାଟିଆ, ଲଙ୍ଗଳଭଞ୍ଜା ଓ ବହଡିହ ଆଦି ଗାଁରେ ପଦଯାତ୍ରା କରାଯାଇଥିଲା । କାର୍ଯ୍ୟକ୍ରମରେ ସଦର ମଣ୍ଡଳ ସଭାପତି ପ୍ରକାଶ ନାୟକ, ନୀହାର ରଞ୍ଜନ ସ୍ୱାଇଁ, ବସନ୍ତ କୁମାର ନାୟକ, ରାଜେନ୍ଦ୍ର ବେହେରା, ଗୁରୁପ୍ରସାଦ ନାୟକ, ଶ୍ରୁତିରଞ୍ଜନ ବିଶ୍ୱାଳ, କଣ୍ଟାପଡ଼ା ପଞ୍ଚାୟତ ପ୍ରମୁଖ ଦେବେନ୍ଦ୍ର ବାରିକ, ଦୀପକ କୁମାର ମଲ୍ଲିକ, ଯୁବନେତା ଅଞ୍ଚଳ ନାୟକ, ସୁଶାନ୍ତ କୁମାର ନାୟକ, ଯୁବନେତା ସୁମନ୍ତ କୁମାର ନାୟକ, ଦେବଜ୍ୟୋତି ଜେନା ଓ ଅଭିଷେକ ନାଥ ପ୍ରମୁଖ ଉପସ୍ଥିତ ଥିଲେ ।

# ଶନିଶ୍ଚର ଦେବଙ୍କ ଦ୍ୱାଦଶ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, ୨୬।୪(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଦାମୋଦର ପାଟଣାଠାରେ ଥିବା ଶନି ମନ୍ଦିରରେ ଜଳାଭିଷେକ ଶନିବାର ଅନୁଷ୍ଠିତ ହୋଇଯାଇଛି । ବ୍ରାହ୍ମଣମାନଙ୍କ ବେଦମନ୍ତ୍ର ଉଚ୍ଚାରଣରେ ଏକ ଆଧ୍ୟାତ୍ମିକ ପରିବେଶ ଭିତରେ ହଜାର ହଜାର ସଂଖ୍ୟାରେ ଭକ୍ତ ବ୍ରାହ୍ମଣୀ ନଦୀରୁ ଜଳ ଆଣି ଅଭିଷେକ କରିଥିଲେ । ଜଳଯାତ୍ରା ପରେ ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା । ବାଳକୃଷ୍ଣ ରାଉଳ ଓ ଲକ୍ଷ୍ମୀପ୍ରିୟା ରାଉଳଙ୍କ ପୌରୋହିତରେ ସକାଳୁ ଅଧିବାସ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗ୍ରହରାଜ ଶନିଶ୍ଚରଙ୍କ ଷୋଡ଼ଶ ଉପଚାର ପୂଜା ହେବା ସହିତ ଭକ୍ତମାନଙ୍କ ପାଇଁ ମନ୍ଦିର କମିଟି ତରଫରୁ ଆନନ୍ଦବଜାର ଖୋଲି ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟକରି ବରିଷ୍ଠ ନାଗରିକ ସମନ୍ୱୟ ସମିତି ଅଳପୁଆ ପକ୍ଷରୁ ସଭାପତି ବିଭୂତି ଭୂଷଣ ପଟ୍ଟନାୟକଙ୍କ ସଂଯୋଜନାରେ ଭକ୍ତଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା । ଏଥିରେ ପ୍ରକାଶ ଦାସ, ଶିକ୍ଷାବିତ୍ ବିଚିତ୍ରାନନ୍ଦ ବେହେରା, ସୁବାସ ସାହୁ, ସୁକାନ୍ତ ରାଉତ, ପୂର୍ବତନ ସରପଞ୍ଚ ରମେଶ ଦାସ, ପୂର୍ବତନ ସମିତିସଭ୍ୟ ଅକ୍ଷୟ ରାଉତ, ଚନ୍ଦନ ସାହୁ, କିଶୋର ରାଉତ ଯୋଗଦେଇଥିଲେ । ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ରବୀନ୍ଦ୍ର ନାୟକ, କୈବଲ୍ୟ ପରିଡ଼ା, ପ୍ରଭାତ ରାଉଳ, ସର୍ବେଶ୍ୱର ସାହୁ, ମଧୁସୂଦନ ବେହେରା ଏବଂ ଗ୍ରାମବାସୀ ପରିଚାଳନା କରିଥିଲେ ।



ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ ପାଇଁ ପୂଜାର୍ଚ୍ଚନା ଚାଲିଛି ।

# ଶ୍ରୀରାମ ଚରିତ ମାନସ ପାରାୟଣ

ଡେରାବିଶ, ୨୬।୪(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଡାଲିଜୀ ଗ୍ରାମର ଆରାଧ୍ୟା ମା' କନ୍ହେଇଶ୍ୱରୀ ଓ ମର୍କଟେଶ୍ୱରୀଙ୍କ ପୀଠରେ ୩୪ ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମକୁ ବ୍ୟାସଜୀ ପ୍ରଦୀପ୍ତ କୁମାର ବାହିନୀପତି ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ୧୯ ତାରିଖ ରବିବାର ଅସୁରେଶ୍ୱର ମଲ୍ଲିପୁରସ୍ଥିତ ରଘୁନାଥଜୀଉଙ୍କ ପୀଠରୁ ଆଜ୍ଞାମାଳ ଅଣାଯାଇଥିବା । ୨୦ତାରିଖ ପବିତ୍ର ଅକ୍ଷୟ ତୃତୀୟାଠାରୁ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି । ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମାନସ କୃପା ପରିଷଦ ଆନୁକୂଲ୍ୟରେ ୯ ଦିନ ବ୍ୟାପୀ ହେଉଥିବା ଏହି କାର୍ଯ୍ୟକ୍ରମର ପ୍ରତ୍ୟେହ ଦିନ ପ୍ରତ୍ୟୁଷରୁ ସନ୍ଥ ତୁଳସୀ ଦାସ ରଚିତ ପାରାୟଣ କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ହନୁମାନ ଚାଳିଶା ପାଠ ସହିତ ପ୍ରବଚନ ଅନୁଷ୍ଠିତ ହେଉଛି । ଏଥିରେ ଆଖପାଖ ଅଞ୍ଚଳରୁ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ଶ୍ରୀରାମଙ୍କ କଥାମୃତ ଶ୍ରବଣ କରୁଛନ୍ତି । କର୍ତ୍ତାକର୍ତ୍ତୀଭାବେ ଅମରେନ୍ଦ୍ର ଜେନା ଓ ସୌଦାମିନୀ ଜେନା ଦାୟିତ୍ୱ ନିର୍ବାହ କରୁଛନ୍ତି । ଚନ୍ଦ୍ରଶେଖର ଯୁବକ ସଂଘ ପକ୍ଷରୁ ସାରଦା ପ୍ରସାଦ ଜେନା ଓ କୈଳାସ ବାରିକଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

# ମୂଳସାହି ପ୍ରିମିୟର ଲିଗ୍: ଏମ୍‌ସିସି ୱାରିୟର୍ସ ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ ।

ଆଳି,୨୬।୪(ବନମାଳି ସେନାପତି )

କେନ୍ଦ୍ରାପଡା ଜିଲା ଆଳି ବ୍ଲକ ଦେମାଳ ପଞ୍ଚାୟତ ଶରତ କୁମାର ଦେବ ହାଇସ୍କୁଲ ପଡିଆରେ ଚାଲିଥିବା ମୂଳସାହି ପ୍ରିମିୟର ଲିଗ ସିଜିନ-୪ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଏମସିସି ୱାରିୟର୍ସ ଓ ଶ୍ୟାମ ରେଞ୍ଜର୍ସ ମଧ୍ୟରେ ହୋଇଥିଲା । ଏମ୍‌ସିସି ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୨ ଉଇକେଟ ହରାଇ ୧୪୪ ରନ କରିଥିଲା । ଜବାବରେ ଶ୍ୟାମ ରେଞ୍ଜର୍ସ ୧୦ ଓଭରରେ ୮ଉଇକେଟ ହରାଇ ୧୨୯ କରି ମ୍ୟାଚ ହାରି ଯାଇଥିଲା । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ଼ ଆଶିଷ କୁମାର ବାଇକ, ସମ୍ମାନିତ ଅତିଥିଭାବେ ମନୋରଞ୍ଜନ ସାମଲ ଯୋଗଦେଇ ଚାମ୍ପିୟନ ଟିମ ଏମ୍‌ସିସି ୱାରିୟର୍ସକୁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ରନର୍ସ ଅପ ଟିମ ଶ୍ୟାମ ରେଞ୍ଜର୍ସକୁ ଟ୍ରଫି ସହ ୨୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ କପିଳ ରାଉତ ଓ ମ୍ୟାନ ଅଫ ଦି ସିରିଜ ରଞ୍ଜିତ ଘଡ଼ାଇଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଟୁର୍ନାମେଣ୍ଟକୁ ମହାବୀର ୟୁଥ କ୍ଲବ ପରିଚାଳନା କରିଥିଲ ।

# ରାଜନଗରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି

**ଚିଠି ଲେଖି ଦାବି ଜଣାଇଲେ ଜିଲା ପରିଷଦ ସଭ୍ୟ**

ରାଜନଗର,୨୬।୪ (ଭାସ୍କର ରାଉତରାୟ)

ରାଜନଗରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି ୩୦ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ । ଉକ୍ତ ଦାବିପତ୍ରରେ ସେ ଦର୍ଶାଇଛନ୍ତି, ରାଜନଗରରେ ୧୦୦ବର୍ଷରୁ ଊର୍ଦ୍ଧ୍ୱ ହେବ ଦୋଳ ମେଲଣ କରାଯାଏ । ଏଠାରେ ସ୍ଥାୟୀ ମେଲଣ ପଡ଼ିଆର ଉନ୍ନତୀକରଣ ପାଇଁ ୩୦ରୁ ୪୦ ଲକ୍ଷ ଟଙ୍କା ଆବଶ୍ୟକ । ରାଜନଗରର ସୌନ୍ଦର୍ଯ୍ୟକରଣ କରାଯିବା ସହ ନଦୀର ଗ୍ରାସରୁ ଏହି ଅଞ୍ଚଳକୁ ରକ୍ଷା କରିବା ପାଇଁ ଶାସନଠାରୁ ନାଞ୍ଜୁଡ଼ାମୁଣ୍ଡ ପର୍ଯ୍ୟନ୍ତ ହଂସୁଆ ନଦୀ କୂଳେକୂଳେ ପଥର ପ୍ୟାକିଂ ଓ ତାର ଜାଲି ଲଗାଯାଇ ଲାଇଟ ସିମେଣ୍ଟ ବେଞ୍ଚ ପକାଯାଉ । ବ୍ଲକ ହେଡ୍‌କ୍ୱାର୍ଟର୍ସ ହୋଇଥିଲେ ମଧ୍ୟ ରାଜନଗରରେ ଅଡ଼ିଟୋରିୟମ ନାହିଁ କି କଲ୍ୟାଣ ମଣ୍ଡପ ମଧ୍ୟ ନାହିଁ । ସଦର ମହକୁମାରେ ସରକାରୀ ଜାଗା ନ ଥିବାରୁ କୋର୍ଟ, ଆଦର୍ଶ ବିଦ୍ୟାଳୟ, ଦମକଳ କେନ୍ଦ୍ର ସଦର ମହକମାଠାରୁ ୫ କିଲୋମିଟର ଦୂରରେ ନିର୍ମାଣ କରାଯାଇଛି । ସେସବୁ ସ୍ଥାନକୁ ସଦର ମହକୁମା ସହ ସଂଯୋଗୀକରଣ କରାଯାଉ ।

ରାଜନଗରଠାରୁ ପେଣ୍ଠ ବେଳାଭୂମି, ରାଜନଗରଠାରୁ କେରଡ଼ାଗଡ଼ର ନାମାଚାର୍ଯ୍ୟ ବାୟାବାବାଙ୍କ ଜନ୍ମପୀଠ ଓ ପୁରାଣ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର, ରାଜନଗରଠାରୁ ଜରିମୂଳ ମା'ମାଟିଆ ମଙ୍ଗଳାଙ୍କ ପୀଠ ଏବଂ ରାଜନଗରଠାରୁ ମଦନପୁର ପର୍ଯ୍ୟନ୍ତ ରାସ୍ତାକୁ ଚଉଡ଼ା କରି ଉଭୟ ପାର୍ଶ୍ୱରେ ଲାଇଟ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ଜିଲା ପରିଷଦ ସଭ୍ୟ । ମେଧାବୀ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତା ପରୀକ୍ଷା ଦେବା ପାଇଁ ରାଜନଗରରେ ପାଠାଗାର ନିର୍ମାଣ କରିବାକୁ ଦାବି କରିଛନ୍ତି । ଏଠାକାର ୮୦ ଭାଗ ଲୋକେ କୃଷି ଉପରେ ନିର୍ଭରଶୀଳ ଥିବାରୁ ରାଜନଗରରେ ଶୀତଳ ଭଣ୍ଡାର ନିର୍ମାଣ ଜରୁରୀ । ରାଜନଗର ବ୍ଲକ ହେଡ୍ କ୍ୱାର୍ଟର୍ସରେ ଥିବା ପୁରାଣ ପ୍ରସିଦ୍ଧ ଦଧିବାବନ ଜୀଉଙ୍କ ମନ୍ଦିରର ବିକାଶ, ରାଜନଗରକୁ ଏନ୍‌ଏସି ଘୋଷଣା କରିବା ସହ ସଦର ମହକୁମାରେ ଡ଼ାକବଙ୍ଗଳା ନିର୍ମାଣ ଅନ୍ୟ ଦାବି ମଧ୍ୟରେ ରହିଛି । ମଦନପୁରଠାରୁ ରାଜନଗର ପର୍ଯ୍ୟନ୍ତ ସରକାରୀ ଜାଗା ଅବରୋଧ କରି କ୍ୟାବିନ ପକାଇ ରାସ୍ତା ଅବରୋଧ କରାଯାଇଛି । ତେଣୁ ସୌନ୍ଦର୍ଯ୍ୟ ନଷ୍ଟ ହେଉଛି । ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନଙ୍କ ପାଇଁ ସ୍ଥାୟୀ ଘର ନିର୍ମାଣ କରାଯିବା ସହ ରାସ୍ତା ପ୍ରଶସ୍ତୀକରଣ କରିବାକୁ ଜିଲା ପରିଷଦ ସଭ୍ୟ ରାଉତ ଉକ୍ତ ଚିଠି ଜରିଆରେ ଦାବି କରିଛନ୍ତି ।

# ଭାଜପାର ମହିଳା ଆକ୍ରୋଶ ସମାବେଶ

କେନ୍ଦ୍ରାପଡ଼ା, ୨୬।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ନୂଆ ବସ୍‌ଷ୍ଟାଣ୍ଡଠାରେ ଜିଲା ଭାଜପା ପକ୍ଷରୁ ମହିଳା ଆକ୍ରୋଶ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ମହିଳାଙ୍କ ରାଜନୈତିକ ସଂରକ୍ଷଣ ଓ ଡିଲିମିଟେଶନକୁ ସଂସଦ ଓ ବାହାରେ ବିରୋଧ କରିଥିବା ରାଜନୈତିକ ଦଳକୁ ସମାଲୋଚନା କରିବା ସହିତ ବିଭିନ୍ନ ନେତାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା ।

କାର୍ଯ୍ୟକ୍ରମ ସଂଯୋଜିକା ଜ୍ୟୋସ୍ନାରାଣୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ଜିଲା ପ୍ରଭାରୀ ଅଶୋକ କୁମାର ମିଶ୍ର, ବରିଷ୍ଠ ନେତ୍ରୀ ଅର୍ଚ୍ଚନା ନାୟକ, ପ୍ରିୟଦର୍ଶିନୀ ନନ୍ଦ, ଗୀତାଞ୍ଜଳି ସେଠୀ, ରଶ୍ମୀ ମହାପାତ୍ର ବକ୍ତବ୍ୟ ରଖିଥିଲେ । ସେମାନେ କହିଥିଲେ, ଗତ ସଂସଦ ଅଧିବେଶନରେ ମହିଳାଙ୍କୁ ରାଜନୈତିକ ଅଧିକାର ପ୍ରଦାନ ପାଇଁ ଭାଜପା ସରକାର ପ୍ରସ୍ତାବ ଆଣିଥିଲେ । ଏହାଦ୍ୱାରା ମହିଳାଙ୍କ ନିମନ୍ତେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷିତ ହୋଇପାରିଥାନ୍ତା । ତେବେ ବିରୋଧୀ ଦଳ ପକ୍ଷରୁ ମହିଳାଙ୍କ ପାଇଁ ଆସିଥିବା ପ୍ରସ୍ତାବକୁ ବିରୋଧ କରାଯାଇଥିଲା । ବିରୋଧୀଙ୍କ ଏହି ମନୋଭାବ ମହିଳାଙ୍କୁ ଉପରକୁ ଉଠିବାକୁ ଦେଉନାହିଁ । ବିରୋଧୀ ଦଳ ନେତାଙ୍କ କୁଶପୁତ୍ତଳିକା ଦାହକରି ତାଙ୍କର ମନୋଭାବକୁ ପ୍ରତୀକାତ୍ମକ ଭାବେ ବିରୋଧ କରାଯାଇଥିବା ବକ୍ତାମାନେ ମତ ରଖିଥିଲେ । ଏହି ସମାବେଶରେ ଜିଲାର ବହୁସଂଖ୍ୟକ ଭାଜପା ମହିଳା କର୍ମୀ ଯୋଗଦେଇଥିଲେ ।




ସମାବେଶରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ ।

## ସଂକ୍ଷେପରେ

### ମଲିକେଶ୍ୱର ମନ୍ଦିର ଦାନହୁଣ୍ଡି ଭାଙ୍ଗି ଲୁଟ



ଗଞ୍ଜାମ,୨୬।୪(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ ସନ୍ତୋଷପୁର ପଞ୍ଚାୟତ ସାନଗୋପାଳପୁର ଗ୍ରାମରେ ଥିବା ବାବା ମଲିକେଶ୍ୱର ମନ୍ଦିର ହୁଣ୍ଡି ଭାଙ୍ଗି ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେଇଛନ୍ତି। ରବିବାର ସକାଳୁ ପୂଜକ ଆସି ମନ୍ଦିର ଖୋଲିଲା ବେଳେ ତାଲା ଭାଙ୍ଗିଥିବା ଏବଂ ଜିନିଷ ସବୁ ଏଣେତେଣେ ପଡିଥିବା ଦେଖି ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କୁ ଡକାଇଥିଲେ। ସମସ୍ତେ ଆସିଲା ପରେ କମିଟି ପକ୍ଷରୁ ରମ୍ଭା ଥାନାରେ ଏତଲା ଦେଇଥିଲେ। ରମ୍ଭା ଥାନାଧିକାରୀ କୁମାର ମୁଦୁଲି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେହି ହୁଣ୍ଡିରେ ପ୍ରାୟ ୨୦ ହଜାରରୁ ଅଧିକ ଟଙ୍କା ଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

### ଭଞ୍ଜନଗର ଥାନାରେ କଂଗ୍ରେସର ଏତଲା

ରତ୍ନଭଣ୍ଡାରରୁ ରତ୍ନ ଚୋରି ଅଭିଯୋଗ

ଭଞ୍ଜନଗର,୨୬।୪(ବାବୁଲା ପ୍ରଧାନ)

ଶ୍ରୀମନ୍ଦିର ରତ୍ନଭଣ୍ଡାରରୁ ୩ଟି ଦୁର୍ମୂଲ୍ୟ ରତ୍ନ ଅଳଙ୍କାର ଚୋରି ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଗଞ୍ଜାମ ଜିଲା କଂଗ୍ରେସ (ପଶ୍ଚିମ) ପକ୍ଷରୁ ସଭାପତି ବି. ଦଣ୍ଡପାଣି ପାତ୍ରଙ୍କ ନେତୃତ୍ୱରେ ଏ ନେଇ ଶନିବାର ଭଞ୍ଜନଗର ଥାନାରେ ଏତଲା ଦିଆଯାଇଛି। ଏତଲାରେ ଦର୍ଶାଯାଇଛି ଯେ, ଶ୍ରୀମନ୍ଦିର ଆମ ଓଡ଼ିଆଙ୍କର ପରିଚୟ ଓ ପ୍ରାଣକେନ୍ଦ୍ର। ମହାପ୍ରଭୁ ଶ୍ରୀଜଗନ୍ନାଥ କୋଟି ଓଡ଼ିଆଙ୍କ ମଉଡ଼ମଣି ହୋଇଥିବାରୁ ଏହି ଚୋରି କଥା ଶୁଣି ଜଗନ୍ନାଥ ପ୍ରେମୀଙ୍କ ଧାର୍ମିକ ଭାବନାକୁ ଗଭୀର ଆଘାତ ଲାଗିଛି। ଜଣେ ନ୍ୟାୟମୂର୍ତ୍ତିଙ୍କ ତତ୍ତ୍ୱାବଧାନରେ ରତ୍ନଭଣ୍ଡାର ଗଣତିମଣତି ହେଉଥିବା ବେଳେ ସେ ନିଜେ ୩ଟି ବହୁମୂଲ୍ୟ ରତ୍ନ ଅଳଙ୍କାର ହଜିଛି ବୋଲି କହୁଥିବା ସମୟରେ ଶ୍ରୀମନ୍ଦିର ପ୍ରଶାସନ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ରତ୍ନଭଣ୍ଡାର ସୁରକ୍ଷିତ ଅଛି ବୋଲି ସତ୍ୟପାଠ ଦାଖଲ କରିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୨୯୯, ୩୦୩, ୩୫୧ ଓ ୩ (୫) ଧାରା ମତେ ମାମଲା କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଜିଲା କଂଗ୍ରେସ କମିଟି ଦାବି କରିଛି।

### ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା କାର୍, ବର୍ତ୍ତିଲେ ୩ ଯାତ୍ରୀ




ଖଜୁରିପଡ଼ା, ୨୬।୪ (ବିଦୁର ବେହେରା)

ଖଜୁରିପଡ଼ା ଥାନା ଦୃତିମେଣ୍ଡି ନିକଟସ୍ଥ ଖୋଲ ସାହିଠାରେ ରବିବାର ଅପରାହ୍ଣରେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଛି। ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗିଯିବା ସହ କାରରେ ବସିଥିବା ୩ ଯାତ୍ରୀ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ଖଜୁରିପଡ଼ା ପଟରୁ କାରଟି ଫୁଲବାଣୀ ଅଭିମୁଖେ ଯାଉଥିବା ବେଳେ ଦୃତିମେଣ୍ଡି ଖୋଲସାହି ନିକଟରେ ହଠାତ୍ ଗାଡ଼ିର ପଛଚକ ଫାଟିଯିବାରୁ ଚାଳକ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଗାଡ଼ିଟି ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା। ଗାଡ଼ିରେ ବସିଥିବା ରୁଜାଙ୍ଗି ଗ୍ରାମର ଆନନ୍ଦେଶ୍ୱର ଠାକୁର, ଅଜୟ ପ୍ରଧାନ ଏବଂ ଦେବେନ୍ଦ୍ର ପ୍ରଧାନ ବର୍ତ୍ତି ଯାଇଛନ୍ତି। ଏହି ୩ ଯାତ୍ରୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ଖଜୁରିପଡ଼ା ଥାନା ଏସ୍ଆଇ ଦୀନବନ୍ଧୁ ପ୍ରଧାନଙ୍କ ସମେତ ପୋଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ଡାକ୍ତର, ଫାର୍ମାସିଷ୍ଟ ନିଯୁକ୍ତି ଦାବିରେ ଧାରଣା

ପାରଳାଖେମୁଣ୍ଡି,୨୬।୪(ଗିରିଧାରୀ ପରିଛା)



ଧାରଣା ଦେଉଥିବା ଅଞ୍ଚଳବାସୀ।

ଗୋଷାଣି ବ୍ଲକ ଗାରାବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟ ଅଭାବ ଥିବାରୁ ଏହା ଉପରେ ନିର୍ଭର କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ରବିବାର ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଧାରଣାରେ ବସିଥିଲେ। ଖବରପାଇ ଗାରାବନ୍ଧ ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସପ୍ତାହକ ମଧ୍ୟରେ ଡାକ୍ତର, ଫାର୍ମାସିଷ୍ଟ ନିଯୁକ୍ତ ନ ହେବ ଆନ୍ଦୋଳନ ତୀବ୍ର ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଅଞ୍ଚଳବାସୀଙ୍କ ଅଭିଯୋଗ ଯେ, ଗାରାବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗୋଷାଣି ଓ ରାୟଗଡ ବ୍ଲକର ୬୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭର କରିଥାନ୍ତି । ଏଠାକାର କାର୍ଯ୍ୟରତ ଡାକ୍ତର ଓ ଫାର୍ମାସିଷ୍ଟ ୮ ମାସ ତଳେ ସେବା ନିବୃତ୍ତ ହୋଇଛନ୍ତି। ଗତ ଏକ ମାସ ପୂର୍ବେ ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଫାର୍ମାସିଷ୍ଟ ନିଯୁକ୍ତ ହୋଇନାହାନ୍ତି। ବର୍ତ୍ତମାନ ଥିବା ଡାକ୍ତର ଜଣଙ୍କ ବୟସ୍କ ଅଧିକା ଯୋଗୁ ଅଧିକା ସମୟ ଚିକିତ୍ସା ସେବା ଯୋଗାଇ ପାରୁନାହାନ୍ତି। ଏପଟେ ପ୍ରତ୍ୟେକ ଦିନ ମାତ୍ରାଧିକ ସଂଖ୍ୟାରେ ରୋଗୀ ଆସୁଛନ୍ତି। ଜରୁରୀକାଳିନ ପରିସ୍ଥିତିରେ ଏଠାରେ ନିଯୁକ୍ତ ସିକ୍ୟୁରିଟି ଗାର୍ଡ ଚିକିତ୍ସା କରୁଛନ୍ତି । ସେହିପରି ଅଞ୍ଚଳରେ କେହି ଦୁର୍ଘଟଣାର ଶିକାର ହୋଇଥିଲେ ପ୍ରାଥମିକ ଚିକିତ୍ସା ନ ପାଇବା ଯୋଗୁଁ ଜୀବନ ହରାଉଥିବା ଅଭିଯୋଗ ହୋଇଛି । ଶନିବାର ସଡକ ଦୁର୍ଘଟଣାରେ ଗୁରୁତର ଜଣଙ୍କୁ ଏହି ଚିକିତ୍ସାଳୟକୁ ଅଣା ଯାଇଥିଲା । ହେଲେ ଏଠାରେ ତାଲା ପଡିଥିବା ଏବଂ ପ୍ରାଥମିକ ଚିକିତ୍ସା ସେବା ନ ପାଇବା ଯୋଗୁ ତାଙ୍କ ପ୍ରାଣବାୟୁ ଉଡିଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଡାକ୍ତର ଫାର୍ମାସିଷ୍ଟ ନିଯୁକ୍ତି ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଠାରେ ଗୁହାରୀ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ତେଣୁ ଆଗୁ ତୀବ୍ର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ଗାରାବନ୍ଧ ସରପଞ୍ଚ ପି.ଅଶୋକ କୁମାର, ସମାଜିକ କର୍ମୀ ତରୁଣ ପ୍ରଧାନ, ବଦ୍ରି ନାରାୟଣ ପଣ୍ଡା, ସିନ୍ଦିରି ରଞ୍ଜିତ କୁମାର, ସୋବରା ପଞ୍ଚାୟତର ପୂର୍ବତନ ସରପଞ୍ଚ ପି.ନାଗେଶ୍ୱର ରାଓ ପ୍ରମୁଖ କହିଛନ୍ତି।

# ଶ୍ରୀରାମ ଚରିତ ମାନସର ସପ୍ତମ ସନ୍ଧ୍ୟା

ଓଡଗାଁ,୨୬।୪
(ନାରାୟଣ ପାଣିଗ୍ରାହୀ)

ନୟାଗଡ ଜିଲା ଓଡ଼ଗାଁର ପ୍ରସିଦ୍ଧ ରଘୁନାଥଙ୍କ ମନ୍ଦିର ପରିସରରେ ଚାଲିଥିବା ୪୯ତମ ଶ୍ରୀରାମ ଚରିତ ମାନସର ରବିବାର ଥିଲା ସପ୍ତମ ସନ୍ଧ୍ୟା। ପ୍ରବକ୍ତା ଅଧ୍ୟାପକ ପ୍ରଦୀପ କୁମାର ଜେନାଙ୍କ ଦ୍ୱାରା ଶବରୀ ପ୍ରସଙ୍ଗ, ଶ୍ରୀରାମ ହନୁମାନ ଭେଟ, ବାଳିବଧ ଓ ସୀତା ହନୁମାନ ଭେଟ ପ୍ରସଙ୍ଗ ଆଲୋଚନା କରାଯାଇ ଥିଲା। ପ୍ରବଚନ ଶୁଣିବା ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରୀରଘୁନାଥ ଚିନ୍ତନ ଚକ୍ରର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ସମ୍ପାଦକ ଦିଲ୍ଲୀପ କୁମାର ହୋତା, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର ଏବଂ ବହୁ ବୁଦ୍ଧିଜୀବୀଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା ହୋଇଥିଲା।



ସପ୍ତମ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ।

# ଅଭିମନ୍ୟୁଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି

ନୟାଗଡ଼,୨୬।୪(ଲୋକନାଥ ମିଶ୍ର)

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମସ୍ଥାନ ଯାଜପୁର ଜିଲା ବାଲିଆସ୍ଥିତ ସମାଧିସ୍ଥଳରେ ନୟାଗଡ଼ର କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ରୀତିଯୁଗର ମହାନ୍ ବୈଷ୍ଣବ କବି କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ଅଭିମନ୍ୟୁ ସାମନ୍ତସିଂହାରଙ୍କ ଉଭୟ ଶିକ୍ଷା ଏବଂ ଦୀକ୍ଷା ଗୁରୁ ଥିଲେ। ସେ ରାଜ ପରିବାରର ଦାୟାଦ ହୋଇଥିବା ବେଳେ କବିସୂର୍ଯ୍ୟ ନୟାଗଡ଼ ଶରଣକୁଳରୁ ଯାଜପୁର ବାଲିଆ ରାଜବାଟିରେ ରହି ଅଭିମନ୍ୟୁଙ୍କୁ ଶିକ୍ଷାଦୀକ୍ଷା ପ୍ରଦାନ ସହିତ ସେଠାରେ ରାଧାକୃଷ୍ଣଙ୍କ ରାସେଶ୍ୱରୀ ରସିକରା ମଠ ସ୍ଥାପନ କରି ଦୈନନ୍ଦିନ ପୂଜାପାଠ କରୁଥିଲେ। ସମ୍ପୃକ୍ତ ମଠ ନିକଟରେ ଥିବା ଅଭିମନ୍ୟୁଙ୍କ ସମାଧି ପୀଠରେ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ଲକ୍ଷ୍ମୀଧର ସାହୁ, ପ୍ରଦ୍ୟୁମ୍ନ କୁମାର ଶତପଥୀ ଏବଂ ମଠର ଟ୍ରଷ୍ଟି ତଥା ଅଭିମନ୍ୟୁଙ୍କ ବଂଶଧର ଅଧ୍ୟାପକ ଶରତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ବିଦଗ୍ଧ କବିଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହିତ କବିସୂର୍ଯ୍ୟ ଏବଂ ଅଭିମନ୍ୟୁଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ମଠ ପକ୍ଷରୁ ଉପସ୍ଥିତ ସଦସ୍ୟମାନଙ୍କୁ ଉପଢୌକନ ଏବଂ ଅଭିମନ୍ୟୁଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ଉପଢୌକନ ଏବଂ ଅଭିମନ୍ୟୁଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଉଛି।

## ଜିରାଙ୍ଗରେ ହେବ ପଞ୍ଚତାରକା ହୋଟେଲ

ପାରଳାଖେମୁଣ୍ଡି,୨୬।୪(ଗିରିଧାରୀ ପରିଛା)

ମୋହନା ବ୍ଲକ ଜିରାଙ୍ଗ ବୁଦ୍ଧ ମନ୍ଦିର ନିକଟରେ 'ପ୍ରତୀକ୍ଷା' ଗ୍ରୁପ ପକ୍ଷରୁ ଏକ ପଞ୍ଚତାରକା ହୋଟେଲ ନିର୍ମାଣ ହେବ। ଏଥିପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତ। ଏଠାରେ ପର୍ଯ୍ୟଟନ ଶିଳ୍ପର ବିକାଶ ହେଲେ ଜିଲା ବିକଶିତ ହେବ। ହୋଟେଲ ଶିଳ୍ପ ମାଧ୍ୟମରେ ଅଞ୍ଚଳରେ ନିଯୁକ୍ତି ସୃଷ୍ଟି ହେବା ସହ ଜିଲାର ବହୁ ଯୁବତୀଯୁବକ ରୋଜଗାରକ୍ଷମ ହୋଇପାରିବେ। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଗଜପତି ସ୍ୱତନ୍ତ୍ର ସ୍ଥାନ ହାସଲ କରିବ। ଜିଲାର ସବୁଜବନାନୀ, ପର୍ବତମାଳା, ଜଳପ୍ରପାତ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପର୍ଯ୍ୟଟକମାନଙ୍କ ମଧ୍ୟରେ ଆଗ୍ରହ ରହିଛି । ସେମାନଙ୍କୁ ଆବଶ୍ୟକ ସୁବିଧାସୁଯୋଗ ଯୋଗାଇ ଦେଲେ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ପର୍ଯ୍ୟଟନ ବିଭାଗ ସଚିବ ବଳବନ୍ତ ସିଂହ, ପାରଳା ବିଧାୟକ ଇଂ.ରୂପେଶ ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ନାୟକ, ଅତିରିକ୍ତ ଜିଲାପାଳ ମୁନୀନ୍ଦ୍ର ହୋନାଗା, ଦିବ୍ୟାସ୍ମିତା ମହାପାତ୍ର, ଇକୋ ଆଟମୋସ୍ଫେୟାର ପରିଚାଳନା ନିର୍ଦ୍ଦେଶକ ସୋଭାଗ୍ୟ ମହାପାତ୍ର ଓ ତିବ୍ବତୀୟ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦନଯାତ୍ରା ନୀତିରେ ବିଭ୍ରାଟକୁ ନେଇ ବିବାଦ, ଉତ୍ତେଜନା

ନୟାଗଡ଼, ୨୬।୪(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହରରେ ବିରାଜିତ ଜଗନ୍ନାଥ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ନୀତିକାନ୍ତିରେ ବିଭ୍ରାଟ, ମନ୍ଦିରରେ ଖେଚୁଡ଼ି ଭୋଗ ବିକ୍ରିରେ ଅନିୟମିତତା, ମନ୍ଦିର ପରିସରରୁ ନଡ଼ିଆ ବିକ୍ରିରେ ଚଞ୍ଚକତା, ଛୁଟିକିଆ ବାହାନା କରି ପାଳିଆ ବଡ଼ପଣ୍ଡା ନ ଆସିବା କାରଣକୁ ନେଇ ବିବାଦ ଦେଖାଦେଇଥିଲା। ସମ୍ପୃକ୍ତ ଘଟଣାଗୁଡ଼ିକର ସମାଧାନ ହୋଇପାରି ନ ଥିବାରୁ ରବିବାର ବିବାଦ ବଢ଼ିଥିଲା। ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ଏ ନେଇ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ମନ୍ଦିର ସୁପରଭାଇଜର ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ହେଲେ ଉତ୍ତେଜନା ପ୍ରଶମିତ ହୋଇ ନ ଥିଲା। ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ ସେଠାକୁ ଆସି ବୁଝାଶୁଝା କରିବା ପରେ ଉତ୍ତେଜନା ଥମିଥିଲା। ତେବେ ବିବାଦର ସମାଧାନ ହୋଇପାରିନାହିଁ। ଏନେଇ ତୁରନ୍ତ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଦେବୋତ୍ତର ମ୍ୟାନେଜର ପ୍ରତିଶ୍ରୁତି ଦେଇଛନ୍ତି।

# କୋଅପରେଟିଭ ହାଇସ୍କୁଲ ବାଇଗୁଣିଆ ବିଜୟୀ

ନୟାଗଡ଼, ୨୬।୪
(ଲୋକନାଥ ମିଶ୍ର)

**ସିଏମ୍ ଟ୍ରଫି ଫୁଟ୍‌ବଲ**

ନୟାଗଡ଼ ଖେଳପଡ଼ିଆରେ ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ତୃତୀୟ ଦିବସ। ଏହି ଦିବସର ଖେଳ କୋଅପରେଟିଭ ହାଇସ୍କୁଲ୍ ଗର୍ଲ୍ସ ଏଫ୍‌ସି ବାଇଗୁଣିଆ ଏବଂ ବାଇଗୁଣିଆ ଗର୍ଲ୍ସ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ କୋଅପରେଟିଭ ହାଇସ୍କୁଲ୍ ୨–୦ ଗୋଲରେ ବିଜୟୀ ହୋଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତର ଖ୍ୟାତନାମା ପ୍ରଯୋଜକ ପ୍ରଦୀପ୍ତ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ। ମୁଖ୍ୟ ରେଫରି ଭାବେ ପ୍ରତାପ ମୁଦୁଲିଙ୍କ ସହ ସହାୟକ ରେଫରି ଭାବେ ପ୍ରକାଶ ବିଶ୍ୱାଳ, ସତ୍ୟବାନ୍ ସାହୁ ରହିଥିଲେ। ଚତୁର୍ଥ ରେଫରି ଜ୍ୟୋତିରଞ୍ଜନ କଳସ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଥିଲେ କମରୁଦ୍ଦିନ୍ ଖାଁ।

# କୁକୁରୁକୁମ୍ପାରେ ଜଳସଙ୍କଟ

ଖଜୁରିପଡ଼ା, ୨୬।୪ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଦୃତିପଡ଼ା ପଞ୍ଚାୟତର କୁକୁରୁକୁମ୍ପା ଗ୍ରାମରେ ପିଇବା ପାଣି ସମସ୍ୟା ଦେଖାଦେଇଛି। ଏହାର ସ୍ଥାୟୀ ସମାଧାନ ଦାବିରେ ଗ୍ରାମବାସୀଙ୍କ ସମେତ ସମିତି ସଭ୍ୟ ଶୁକଦେବ ସେଠୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କୁକୁରୁକୁମ୍ପା ଗ୍ରାମରେ ପ୍ରାୟ ୪ଶହ ପରିବାର ବସବାସ କରୁଛନ୍ତି। ଗ୍ରାମରେ ଥିବା ୩ଟି ନଳକୂଅ ସମସ୍ତ ପରିବାର ପାଇଁ ପର୍ଯ୍ୟାପ୍ତ ନୁହେଁ। ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ନଦୀ, ନାଳ ସହ ନଳକୂଅ ଗୁଡ଼ିକ ଶୁଖିଯାଇଥିବାରୁ ଜଳସଙ୍କଟ ଦେଖା ଦେଇଛି। ଗାଁର ମାତ୍ର କିଛି କୂଅରେ ଯାହା ପାଣି ରହିଛି ତାହା ଗ୍ରାମବାସୀଙ୍କୁ ଯୋଗାଇବାରେ ସକ୍ଷମ ହେଉନାହିଁ ଫଳରେ ଗ୍ରାମବାସୀ ଜଳକଷ୍ଟ ଭୋଗୁଛନ୍ତି। ଏହି ସମସ୍ୟାରୁ ସମାଧାନ ପାଇଁ ବାରପୁଲିଆ ଠାରେ କାର୍ଯ୍ୟକାରୀ ହେଉଥିବା ବସୁଧା ଯୋଜନା ପ୍ରକଳ୍ପରୁ ପାଇପ ସଂଯୋଗ କରି କୁକୁରୁକୁମ୍ପା ଗ୍ରାମକୁ ଉଠାଜଳ ଯୋଗାଣ କରିବାକୁ ଗ୍ରାମବାସୀମାନେ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସମସ୍ୟାର ସାମଧାନ କରିବାକୁ ଜିଲାପାଳ ବେଦ ଭୂଷଣ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ସ୍ଥାନୀୟ ଲୋକଙ୍କ ସମସ୍ୟା ସମାଧନ କରୁଛି। ଏଥିସହ ଆଗାମୀ ଦିନରେ ଯଦି ସମସ୍ୟାର ସମାଧାନ ନ ହୁଏ ତେବେ ଗ୍ରାମବାସୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସମ୍ମିଳନୀ

ବାଲିଗୁଡା,୨୬।୪(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ସ୍ଥିତ ସଭାଗୃହଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବିଭାଗ ସଂଘ ଚାଳକ ମୁଖ୍ୟ ଆଲୋଚକ ଭଗବାନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ମଧୁସୂଦନ ମହାପାତ୍ର ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶହେ ବର୍ଷ ବିଜୟ ଯାତ୍ରା କହିବା ସହ ସଂଘର ଲକ୍ଷ୍ୟ ଓ ଆଗାମୀ ଦିନର ଯୋଜନା ଉପରେ କହିଥିଲେ। ଏଥିରେ ସହରର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଜିଲା ବ୍ୟବସ୍ଥା ପ୍ରମୁଖ କାଳିନ୍ଦୀ ଚରଣ ପଣ୍ଡା ଓ ଖଣ୍ଡ କାର୍ଯ୍ୟବାହ ଅନନ୍ତ କୁମାର ଦାସଙ୍କ ସମେତ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା

ଆସିକା,୨୬।୪(ସୁରେନ୍ଦ୍ର ନାଥ ସାହୁ)



ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ବିଜେ ପ୍ରତିମା।

ଆସିକା ଅଞ୍ଚଳର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ରବିବାର ଖମ୍ବେଶ୍ୱରୀ ପାଟଣା ସାହିରେ ଅନୁଷ୍ଠିତ ହୋଇଛି। ଶନିବାର ମଧ୍ୟ ରାତିରେ ମନ୍ଦିରରୁ ଦେବୀଙ୍କ ବିଜେ ପ୍ରତିମାଙ୍କୁ ବାଦ୍ୟବାଜଣା ଓ ଆତସବାଜୀ ପଟୁଆରରେ ଆଣି ଖମ୍ବେଶ୍ୱରୀ ପାଟଣାସ୍ଥିତ ପୌର କାର୍ଯ୍ୟାଳୟ ସମ୍ମୁଖରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ବିଜେ କରାଯାଇଥିଲା । ରବିବାର ଦିନତମାମ ଓ ରାତିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଖମ୍ବେଶ୍ୱରୀ ପାଟଣା, କୁମ୍ଭାର ସାହି, ବିନାୟକ ବଜାର, ସିନେମା ହଲ ଛକ, ଆଲୋକ ପ୍ରେସ ଗଳି ଆଦି ସ୍ଥାନରେ ବିଭିନ୍ନ ପୌରାଣିକ ଓ ସାମାଜିକ ନାଟକ ପରିବେଷଣ କରାଯାଇଥିଲା । ବିଭିନ୍ନ ସଂଗଠନ ଓ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଯାତ୍ରାକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ପ୍ରସାଦ ଓ ପଣା ବଣ୍ଟନ କରାଯାଇଥିଲା । ସୋମବାର ସକାଳେ ପୁଣି ବାଦ୍ୟବାଜଣା ପଟୁଆରରେ ଠାକୁରାଣୀଙ୍କ ବିଜେ ପ୍ରତିମାଙ୍କୁ ସ୍ୱମନ୍ଦିରକୁ ବିଜେ କରାଯିବା କାର୍ଯ୍ୟକ୍ରମ ରହିଛି । ଗତ ୨ ତାରିଖ ଚୈତ୍ର ପୂର୍ଣ୍ଣିମା ଠାରୁ ଠାକୁରାଣୀଙ୍କ ବିଜେ ପ୍ରତିମାଙ୍କୁ ବାଦ୍ୟବାଜଣା ପଟୁଆର ସହ ପ୍ରତ୍ୟେହ ସନ୍ଧ୍ୟାରେ ନଗର ପରିକ୍ରମା କରାଯାଉଥିଲା । ମନ୍ଦିର ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ସ୍ୱାଇଁ, ଯାତ୍ରା କମିଟି ସଭାପତି ନିମାଇଁ ଚରଣ ପାଣିଗ୍ରାହୀ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ଏହି ଯାତ୍ରା ଉତ୍ସବ ପାଳିତ ହୋଇଥିଲା ।

# ବୁଢାମ୍ବରେ ୨ ଗୋଷ୍ଠୀ ସଂଘର୍ଷ, ଗାଁରେ ପୋଲିସ ଛାଉଣୀ



ଗାଁରେ ପୋଲିସ ଜଗି ରହିଛନ୍ତି।

କବିସୂର୍ଯ୍ୟନଗର,୨୬।୪(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଥାନା ଅଧୀନ ବୁଢାମ୍ବ ଗ୍ରାମରେ ଶନିବାର ରାତିରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୨ ଜଣରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ରବିବାର ଏହି ଖବରପାଇ ଗ୍ରାମରେ ଶାନ୍ତି ଫେରାଇବାକୁ ପ୍ରଶାସନ ଚେଷ୍ଟା ଜାରି ରଖିଥିବା ବେଳେ ଛକ ଛକରେ ପୋଲିସ ଜଗି ବସିଛି। ଗତ ଦୁର୍ଗାପୂଜାଠାରୁ ଗାଁରେ ମେଢ଼ ନିର୍ମାଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଶନିବାର ବିଳମ୍ବିତ ରାତିରେ ଉଭୟ ଗୋଷ୍ଠୀ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇ ପରେ ତାହା ଉଗ୍ରରୂପ ନେଇଥିଲା। ଗୋଟିଏ ଗୋଷ୍ଠୀ ଅନ୍ୟଗୋଷ୍ଠୀର ସାହିରେ ପଶି ଘର ଉପରକୁ ଇଟା,ପଥର ଓ କାଚ ବୋତଲ ମାଡ଼ କରିଥିଲେ। ଘର ବାରଣ୍ଡା ଓ ସାହିରେ ଏବେ ବି ଗଦା ସେ ସବୁ ପଡି ରହିଥିବା ବେଳେ ସାହି ବାସିନ୍ଦା ଭୟଭୀତ ରହିଛନ୍ତି। ପ୍ରଶାସନ ଗ୍ରାମରେ ଶାନ୍ତି ଫେରାଇ ଆଣିବାକୁ ଲୋକେ ଦାବି କରିଛନ୍ତି ।

# ପାରଳା ମହାରାଜାଙ୍କ ୧୩୫ତମ ଜୟନ୍ତୀ

ପାରଳାଖେମୁଣ୍ଡି,୨୬।୪(ଗିରିଧାରୀ ପରିଛା)

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ଭାଷାଭିତ୍ତିକ ରାଷ୍ଟ୍ର ନିର୍ମାଣର ବଳିଷ୍ଠ ବିନ୍ଧାଣୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ବଜାର ଛକ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ନାୟକ, ଭାରପ୍ରାପ୍ତ ଜିଲାପାଳ ମୁନିନ୍ଦ୍ର ହୋନନାଗା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ପାରଳା ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ସମେତ ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଜନ ପ୍ରତିନିଧି, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ମଧ୍ୟ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ସହରରେ ଗାନ୍ଧୀ ଛକ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତି ଓ ମହାରାଜାଙ୍କ ସ୍ମୃତି ସୌଧଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ବିରବାଦ୍ୟ ଓ ପାଇକ ଆଖଡ଼ା ଦୋଳ କଳା ପ୍ରଦର୍ଶନ ସହ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।



ମହାରାଜାଙ୍କ ପ୍ରତିମୂର୍ତ୍ତି ନିକଟରେ ଉପମୁଖ୍ୟମନ୍ତ୍ରୀ ଓ କର୍ମକର୍ତ୍ତାମାନେ ।

ପରେ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଜିଲାପାଳ ହୋନନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ପାଣିଗ୍ରାହୀ ମୁଖ୍ୟ ଅତିଥି, ଜିଲ୍ଲାପରିଷଦ ଅଧ୍ୟକ୍ଷ, ପାରଳା ପୌରପରିଷଦ ଅଧ୍ୟକ୍ଷା, ଗୋଷଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ.ବୀରରାଜୁ, ପାରଳାଖେମୁଣ୍ଡି ପୌର ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଓଡ଼ିଆ ଜାତିକୁ ସର୍ବାଗ୍ରେ ପହଞ୍ଚାଇବା ସହ ଲୋକଙ୍କ ମଧ୍ୟରେ ଜନ ଜାଗରଣ ସୃଷ୍ଟି କରିବାରେ ମହାରାଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସମସ୍ତ ଅତିଥି ନିଜ ଅଭିଭାଷଣରେ କହିଥିଲେ। ମହାରାଜା ଜୟନ୍ତୀ ପାଳନ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

**ସଂକ୍ଷେପରେ**

## ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟା ନିଲମ୍ବିତ

ଚଣ୍ଡିଖୋଲ,୨୬।୪(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ୍ ବିଜେଡି ପକ୍ଷରୁ ରବିବାର ଏକ ପ୍ରେସ ଇସ୍ତାହାର ପ୍ରକାଶ ପାଇଛି। ଏଥିରେ ବଡ଼ଚଣା ବ୍ଲକ୍ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ ଏହି ବ୍ଲକ ଅନ୍ତର୍ଗତ ଅରଖପୁର ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ପୁଷ୍ପଲତା ସିଂହ ଓ ସମିତିସଭ୍ୟା ରଶ୍ମିତା ଦାସଙ୍କୁ ଦଳରୁ ନିଲମ୍ବନ କରିଛନ୍ତି। ଏହାସହିତ ସରପଞ୍ଚଙ୍କ ସ୍ୱାମୀ ଗୌତମ କୁମାର ସିଂହ ଓ ସମିତିସଭ୍ୟାଙ୍କ ସ୍ୱାମୀ ମଳୟ କୁମାର ସିଂହଙ୍କୁ ମଧ୍ୟ ଦଳରୁ ନିଲମ୍ବିତ କରାଯାଇଛି। ବ୍ଲକ ବିଜେଡି ସଭାପତି ଜଣାଇଛନ୍ତି ଯେ, ସେମାନେ ଦଳବିରୋଧୀ କାର୍ଯ୍ୟ କଳାପରେ ସଂଶ୍ଳିଷ୍ଟ ରହିବା ସହ ଅର୍ଥନୈତିକ ହେରଫେରରେ ସାମିଲ ରହିଥିବା ନେଇ ସ୍ଥାନୀୟ ପଞ୍ଚାୟତ କର୍ମୀମାନେ ଅଭିଯୋଗ କରିଆସୁଥିଲେ। ସେଥିପାଇଁ ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଛି।

## ଶହୀଦ ଭଗତ୍ ସିଂ ଯୁବକ ସଂଘ ପକ୍ଷରୁ ତରଭୁଜ ବଣ୍ଟନ

**ବ୍ୟାସନଗର,୨୬।୪ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ଶହୀଦ ଭଗତ ସିଂହ ଯୁବକ ସଂଘ ପକ୍ଷରୁ ଶନିଶ୍ଚର ମେଳା ଅବସରରେ ଶନିବାର ସହର ଉପକଣ୍ଠ ଖଣ୍ଡାହତା ମା' ଯୋଗେଶ୍ୱରୀ ପୀଠରେ ଭକ୍ତଙ୍କୁ ତରଭୁଜ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ରାଜେନ୍ଦ୍ର ବିଶ୍ୱାଳ, ସମ୍ପାଦକ ହେମନ୍ତ କୁମାର ଧୀର, ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ରମେଶ ବିଶ୍ୱାଳ, ମହେଶ୍ୱର ନାୟକ, ହେମନ୍ତ ନାୟକ, ତପନ ସିଂ, ବିଜୟ ନନ୍ଦୀ, ଆଶିଷ ମଲ୍ଲିକ, ସୁବ୍ରତ ସାହୁ, ଶୁଭେନ୍ଦୁ ରାଉତ, ସୁଦର୍ଶନ ମଲ୍ଲିକ, ସୁଶାନ୍ତ ରାଉତ, ପ୍ରଦୀପ ରାଉତ, ଅଭୟ ରାଉତ, କାହ୍ନୁ ରାଉତ ପ୍ରମୁଖ ସହଯୋଗ କରିଥିଲେ। ରାଛିପୁର ଶନି ପଡ଼ିଆକୁ ଯାଉଥିବା ଭକ୍ତଙ୍କୁ ପ୍ରାୟ ୧୦ କୁଇଣ୍ଟାଲରୁ ଅଧିକ ତରଭୁଜ ବଣ୍ଟନ କରାଯାଇଥିଲା।

# ଉଜୁଡ଼ିଗଲାଣି ସହରର ସୌନ୍ଦର୍ଯ୍ୟକରଣ



ନହକା ଗୋଲେଇ ବିଜୁ ପଟ୍ଟନାୟକ ଛକ।



ଦଳା ବାଇପାସ୍ ଛକ।

**ବ୍ୟାସନଗର,୨୬।୪ (ପବିତ୍ର ରଞ୍ଜନ ମହାନ୍ତି):**

କଳିଙ୍ଗନଗର ଶିଳ୍ପ ନଗରିର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରର ସୌନ୍ଦର୍ଯ୍ୟକରଣ ଉଜୁଡ଼ିଯାଇଥିବା ଦେଖିବାକୁ ମିଳିଛି। ଗତ ସରକାର ସମୟରେ ସହରର ବିଭିନ୍ନ ଛକ ଓ ମୁଖ୍ୟ ସ୍ଥାନରେ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡିକ ମାଟିରେ ମିଶିବାକୁ ବସିଲାଣି। ଫଳରେ ଏହି ବାବଦ ଖର୍ଚ୍ଚ କରାଯାଇଥିବା ଟଙ୍କା ପାଣିରେ ପଡ଼ିବା ସଦୃଶ ହୋଇଛି।

### ରକ୍ଷଣାବେକ୍ଷଣ ଅଭାବ

ସହରର ମୁଖ୍ୟ ନହକା ଗୋଲେଇ ବିଜୁ ପଟ୍ଟନାୟକ ଛକ, ଚୋରଦା ବାଇପାସ ଛକ, ସହରର ପ୍ରବେଶ ପଥ ଫାୟାର ଷ୍ଟେଶନ ଛକ, ଦଳା ବାଇପାସ ଛକ, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଛକ, ସାପଗାଡ଼ିଆ ଫେରୋକ୍ରୋମ ପ୍ଲାଣ୍ଟ ଛକ, ପୌର କାର୍ଯ୍ୟାଳୟ ସମ୍ମୁଖ ପାର୍କ, ହୁଡ଼ିସାହି ମ୍ୟୁନିସିପାଲିଟି ଶିଶୁ ପାର୍କ ଓ ବିଭିନ୍ନ ୱାର୍ଡରେ କରାଯାଇଥିବା ପାର୍କ ଏବଂ ମୁକ୍ତାକାଶ ବ୍ୟାୟାମଶାଳା ଆଦିର ଯନ୍ତ୍ରପାତି ଭାଙ୍ଗିରୁଜି ଗଲାଣି। ପାର୍କ ମଧ୍ୟରେ ଥିବା ଫାଇବାର ପ୍ରତିମୂର୍ତ୍ତିଗୁଡ଼ିକ ଭାଙ୍ଗି ତଳେ ପଡ଼ିଛି। ଛକମାନଙ୍କରେ ଲାଗିଥିବା ରଙ୍ଗୀନ ଆଲୋକ ଜଳୁନାହିଁ କି ପାଣି ଫୁଆରରୁ ପାଣି ବାହାରୁନାହିଁ। ଛକ ଓ ପାର୍କ ମଧ୍ୟରେ ଥିବା ବିଭିନ୍ନ ଫୁଲ ଗଛ ପାଣି ଅଭାବରୁ ସୁଖି ଯାଇଥିବା ଦୃଶ୍ୟମାନ ହେଉଛି। ବିଭିନ୍ନ ବ୍ୟାୟାମ ଓ ଖେଳ ଉପକରଣଗୁଡିକ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇ ପଡିଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପୌର ପରିଷଦରର ହୋଇଥିଲେ ମଧ୍ୟ ତାହା ହେଉନାହିଁ। ଏନେଇ ସହରବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳଙ୍କୁ ପଚାରିବାରେ ସେ କହିଛନ୍ତି, ବିଗତ ସରକାରଙ୍କ ସମୟରେ ଏସବୁର ରକ୍ଷଣାବେକ୍ଷଣ ବାବଦ ଅନୁଦାନ ଆସୁଥିଲା। ବର୍ତ୍ତମାନର ଡବଲଇଞ୍ଜିନ ସରକାର ଆସିବାପରେ ବହୁଗୁଡ଼ିଏ ଅନୁଦାନ ବନ୍ଦ ହେବାସହ ସହର ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ପୌର ପରିଷଦ ପକ୍ଷରୁ ବହୁ ସମୟରେ ସେଗୁଡିକୁ ମରାମତି କରାଯାଉଛି। ମାତ୍ର ଅର୍ଥ ଅଭାବରୁ ଏବେ ମରାମତି କରିବା ସମ୍ଭବ ହେଉନାହିଁ। ଏଦିଗରେ ନଗର ଉନ୍ନୟନ ବିଭାଗ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।




ଯାଜପୁର ଜିଲା ରସୁଲପୁର ବ୍ଲକ ସଦାନନ୍ଦପୁର ଗ୍ରାମର ଅବସରପ୍ରାପ୍ତ ପ୍ରାଧ୍ୟାପକ ଜଟାଧର ସେଠୀଙ୍କ ଏକାଦଶାହ ଉପଲକ୍ଷେ ରବିବାର ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ବିଶେଷମାନେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ସ୍ମୃତିଚାରଣ କରୁଛନ୍ତି।

## ୨ ବାଇକ୍ ଧକ୍କା, ଜଣେ ଗୁରୁତର

ବ୍ରହ୍ମବରଦା,୨୬।୪(ଯଯାତି କେଶରୀ ବେହେରା): ବରୁଆଁ-କୃଷ୍ଣଦାସପୁର ମୁଖ୍ୟ ରାସ୍ତାର ବ୍ରହ୍ମବରଦା କଲେଜ ରୋଡ ବାଳିଆ ଘାଇ ନିକଟରେ ଶନିବାର ସନ୍ଧ୍ୟାରେ ୨ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଧର୍ମଶାଳା ଥାନା ବଡ଼ନଅନାଙ୍ଗରା ନାଳକୂଳ ଗ୍ରାମର ନିର୍ମଳ ମଲ୍ଲିକ(୨୭)। ନିର୍ମଳ ନିଜଗ୍ରାମ ନାଳକୂଳରୁ ବ୍ରହ୍ମବରଦାକୁ ବାଇକ ଯୋଗେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ବାଇକ୍ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ନିର୍ମଳଙ୍କ ମୁଣ୍ଡରେ ଆଘାତ ଲାଗିଥିଲା।

# ଖରାତାତି, ଗୁଳୁଗୁଳିରେ ଲୋକେ ଛଟପଟ

**ସିଂହପୁର,୨୬।୪ (ଅନଙ୍ଗ ଉଦୟ ବେଉରିଆ):**

ଖରାତାତିରେ ସାରା ଓଡ଼ିଶା ଜଳୁଥିବାବେଳେ ଗୁଳୁଗୁଳିରେ ଲୋକେ ଛଟ ପଟ ହେଉଛନ୍ତି। ଅକ୍ଷୟ ତୃତୀୟା ପୂର୍ବରୁ ବର୍ଷା ହେବାରୁ ପରିବେଶ ଟିକେ ଥଣ୍ଡା ପଡ଼ିଥିଲା। ମାତ୍ର ଅକ୍ଷୟ ତୃତୀୟା ପରେ ତାପମାତ୍ରା ବଢ଼ିଯାଇଛି। ଏପରି ସ୍ଥିତିରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଗ୍ରୀଷ୍ମ କଷ୍ଟକୁ ଦ୍ୱିଗୁଣିତ କରୁଛି। ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଉଥିବାରୁ ସରକାରଙ୍କ ପକ୍ଷରୁ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ପୂର୍ବାହ୍ନ ୧୧ଟାପରେ ଯାତାୟାତ କରିବାକୁ ଲୋକେ ଡରି ଯାଉଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବରୁ ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀସ୍ତରରେ ଜଳଛତ୍ର ଖୋଲା ଯାଉଥିଲା। କିନ୍ତୁ ଚଳିତ ବର୍ଷ ସିଂହପୁର ସମେତ ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍ଥାନରେ ଜଳଛତ୍ର ଦେଖାଯାଉନାହିଁ। ମଧ୍ୟାହ୍ନ ୧୨ ଟା ପରେ ବଜାର, ରାସ୍ତାଘାଟ ଜନ ଶୂନ୍ୟ ହୋଇପଡୁଛି। ଖରା ତାତି ଯୋଗୁ ପ୍ରାଣୀମାନେ ବିଲରେ ବେଶି ସମୟ ରହି ଚରି ପାରୁନାହାନ୍ତି। ଖରା ବଢ଼ିବା ପରେ ସେମାନେ ଗଛ ଛାଇକୁ ଆସିବା ସହିତ ପିଇବା ପାଇଁ ପାଣି ଖୋଜୁଛନ୍ତି। ବର୍ତ୍ତମାନ ନଳକୂଅ, ପାଇପ ପାଣିରେ ଲୋକମାନେ ଚଳୁଥିବା ବେଳେ ଗଡ଼ିଆ, ପୋଖରୀ ବିଶେଷ ନ ଥିବାରୁ ବୁଲା ଗୋରୁ ପିଇବା ପାଣି ପାଇଁ ଏଣେ ତେଣେ ବୁଲୁଛନ୍ତି। ଏଭଳି ତାତି ଓ ଗୁଳୁଗୁଳି ଯଦି ଆଉ କିଛି ଦିନ ଲାଗି ରୁହେ ତେବେ ଅଂଶୁଘାତ ସମ୍ଭାବନା ସୃଷ୍ଟି ହୋଇପାରେ ବୋଲି ଅନୁମାନ କରାଯାଉଛି।



ଖରା ପାଇଁ ବଜାର, ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିଛି।

## ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ପାଣିକୋଇଲି,୨୬।୪ (ବିକାଶ ଚନ୍ଦ୍ର ମଲ୍ଲିକ):**

ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ମଣିପୁର ଗ୍ରାମରେ ରବିବାର ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ କଳସବୁଡ଼ା, ଭୂମିପୂଜା, ଗୋପୂଜା ଆଦି କରାଯିବା ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ଭାବେ ରଞ୍ଜନ ଦାଶ (କାଳିଆ) ଓ ଇନ୍ଦ୍ରମଣି ପତି ଯୋଗେଦଇଥିବାବେଳେ କର୍ତ୍ତାଭାବେ ପର୍ଶୁରାମ ନାୟକ ଓ ରଶ୍ମିତା ନାୟକ ଯୋଗଦେଇଥିଲେ। ସହକର୍ତ୍ତାଭାବେ ପ୍ରଫୁଲ୍ଲ ବେହେରା, ବିକ୍ରମ ସାହୁ, ସଂଗ୍ରାମ ପ୍ରତାପ ଜେନା, ରାମଚନ୍ଦ୍ର ନାୟକ, ଭଗବାନ ନାୟକ, ଦୀପ୍ତିରଞ୍ଜନ ସାହୁ, ରାକେଶ ଜେନା ପ୍ରମୁଖ ଯୋଗଦେଇଥିଲେ। ଯଜ୍ଞ ପରେ ପୂର୍ଣ୍ଣାହୁତିରେ ସମସ୍ତ ଗ୍ରାମାବସୀ ଯୋଗଦେଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଇଥିଲା। ଗ୍ରାମର ସମସ୍ତ ଯୁବବର୍ଗ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମଣିପୁର ଗ୍ରାମରେ ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇଛି।

## ମାଟି ଚାଲାଣବେଳେ ହାଇୱା, ଜେସିବି ମେଶିନ ଜବତ

ବଡ଼ଚଣା,୨୬।୪(ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ୍ ଅଧୀନ ବଡ଼ଚଣା ଗ୍ରାମରେ ଭୋବାଙ୍ଗ ପୋଖରୀର ପଙ୍କ ଉଦ୍ଧାର ନାଁରେ ଶନିବାର ରାତିରେ ଏକାଧିକ ହାଇୱା ଚୋରା ମାଟି ପରିବହନ କରୁଥିବାବେଳେ ବଡ଼ଚଣା ପୋଲିସ ଚଢ଼ାଉ କରି ଗୋଟିଏ ମାଟି ବୋଝେଇ ହାଇୱା ଓ ଜେସିବି ମେଶିନକୁ ଜବତ କରିଛି। କିନ୍ତୁ ଘଟଣାସ୍ଥଳରୁ ଅପେକ୍ଷାରତ ୫ଟି ଗାଡ଼ି ଫେରାର ହୋଇ ଯାଇଛନ୍ତି। ଫଳରେ ପୋଲିସର ସ୍ୱଚ୍ଛତା ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ପ୍ରକଳ୍ପ ଅନୁଯାୟୀ, ପୋଖରୀରୁ ପଙ୍କ କଢା ଯାଇ ପୋଖରୀ ବନ୍ଧକଡ଼ରେ ପକାଇବାର ନିୟମ ରହିଛି। ମାତ୍ର ମାଟି ମାଫିଆମାନେ ଏହାକୁ ଅନ୍ୟତ୍ର ବିକ୍ରି କରି ବେଆଇନ ଅର୍ଥ ରୋଜଗାର କରିବାକୁ ଚେଷ୍ଟା କରିଥିଲେ।



ମାଟି ପରିବହନରେ ନିୟୋଜିତ ହାଇୱା।

## ପଞ୍ଚମୁଖୀ ହନୁମାନଙ୍କ ବାର୍ଷିକ ଉତ୍ସବ

ବ୍ୟାସନଗର,୨୬।୪(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌର ପରିଷଦ ଧବଳଗିରିସ୍ଥିତ ପଞ୍ଚମୁଖୀ ହନୁମାନଙ୍କ ୧୩ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ୩ ଦିନ ଧରି ପାଳିତ ହୋଇଯାଇଛି। ଗତ ମଙ୍ଗଳବାର ଅଧିବାସ କରାଯାଇ ଶୁଭ କଳସ ସ୍ଥାପନ କରାଯାଇଥିଲା। ବୁଧବାର ପ୍ରାତଃ ସମୟରୁ ମନ୍ଦିର ଶୋଧନ, ପଞ୍ଚମୁଖୀ ହନୁମାନଙ୍କ ମହାସ୍ନାନ କରାଯାଇ ନୂତନ ବସ୍ତ୍ର, ଅଳଙ୍କାର ଓ ପୁଷ୍ପରେ ସଜ୍ଜିତ କରାଯାଇଥିଲା। ପରେ ସୂର୍ଯ୍ୟପୂଜା, ଗୋ ପୂଜା, ଚଣ୍ଡୀ ପାଠ, ଯଜ୍ଞ ହୋମ କରାଯାଇ ଗୁରୁବାର ସାନ୍ଧ୍ୟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। କର୍ମଣୀ ଶ୍ରୋତୀୟ ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନି ଓ ଘଣ୍ଟ, ଶଙ୍ଖ ବାଦନରେ



ଅଞ୍ଚଳରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଧବଳଗିରିର ଧବଳେଶ୍ୱର ଅନୁଷ୍ଠାନ ପକ୍ଷରୁ ଗୌର ହରି ଭକ୍ତଙ୍କ ଦ୍ୱାରା ସାନ୍ଧ୍ୟାରେ ହରିନାମ ସଂକୀର୍ତ୍ତନ ଓ ଭଜନ ପରିବେଷଣ କରାଯାଇଥିଲା। ଅଞ୍ଚଳର ବହୁ ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ଖବରଦାତା ଯୋଗଦେଇ ପଞ୍ଚମୁଖୀ ହନୁମାନଙ୍କ କୃପା ଲାଭ କରିଥିଲେ। କମିଟି ସଭାପତି ପ୍ରମୋଦ କୁମାର ରାଉତ, ସମ୍ପାଦକ ସୁରେଶ ଚନ୍ଦ୍ର ଭାରତୀ, ଶ୍ରୀକାନ୍ତ ମହାନ୍ତି, ରାମେଶ୍ୱର ବିଶ୍ୱାଳ, ବୁଟୁ ପୁହାଣ, ପୂଜକ ଅଭିରାମ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। କମିଟି ପକ୍ଷରୁ ତିନିହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସହରବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। ପଞ୍ଚମୁଖୀ ହନୁମାନଙ୍କ ସାନିଧ ଲାଭ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସୁଯୋଗ ନେବାକୁ ଭକ୍ତଙ୍କୁ କମିଟ ପକ୍ଷରୁ ନିବେଦନ କରାଯାଇଥିଲା।

## ମନ୍ କୀ ବାତ୍‌ରେ ସାମିଲ ହେଲେ ଜଙ୍ଗଲ ମନ୍ତ୍ରୀ

**ଚଣ୍ଡିଖୋଲ,୨୬।୪(ପ୍ରଦୀପ୍ତ କୁମାର ପୃଷ୍ଟି):**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୩ ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସାମିଲ ହୋଇଛନ୍ତି। ସେ ତାଙ୍କ ବ୍ୟକ୍ତିଗତ କାର୍ଯ୍ୟରେ ଭୁବନେଶ୍ୱର ଯିବାବାଟରେ ମନ କି ବାତ୍ କାର୍ଯ୍ୟକ୍ରମ ଶୁଣିବା ପାଇଁ ବଡ଼ଚଣା ବ୍ଲକ ବଡ଼ଘୁମୁରି ପଞ୍ଚାୟତ ଶକ୍ତୁଳାପୁର ଗ୍ରାମର ବୁଥ ନଂ. ୫୫ରେ ପହଞ୍ଚିଥିଲେ। ଯାଜପୁର ଜିଲା ଭାଜପା ସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ସବୁଠୁ ଲୋକପ୍ରିୟ କାର୍ଯକ୍ରମରେ ଭାଗନେବା ପାଇଁ ଜିଲା ସଭାପତିଙ୍କ ସହ ଯୋଗାଯୋଗ କରି ମନ୍ତ୍ରୀ ଏଠାରେ ପହଞ୍ଚିଥିଲେ। ସେ ଉପସ୍ଥିତ ଲୋକଙ୍କୁ ପ୍ରଧାନ ମନ୍ତ୍ରୀଙ୍କ ବାର୍ତ୍ତା ସବିଶେଷ ତଥ୍ୟ ସହ ବୁଝାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା କୋଷାଧ୍ୟକ୍ଷ ବିନୋଦିନ ଦାଶ, ଗାୟତ୍ରୀ ରାଉତ, କବିତା ମହାନ୍ତିଙ୍କ ସହ ଶତାଧିକ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।



ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ।

# ୧୨ନଂ.(ଏ) କେନାଲ ଅବରୋଧ

- ଚାଷୀ ମହଲରେ ଅସନ୍ତୋଷ
- ତୁରନ୍ତ ଅବରୋଧମୁକ୍ତ ପାଇଁ ଦାବି

ବଡ଼ଚଣା,୨୬।୪(ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ୍ ଅଧୀନ ଚଣ୍ଡିଖୋଲ ଛକ ସନ୍ନିକଟ କ୍ଷେତ୍ରପାଳ ଓ କଣ୍ଟିଗଡିଆ ପଞ୍ଚାୟତର ଚାଷ ଜମିକୁ ୧୨(ଏ) କେନାଲ ଦ୍ୱାରା ପାଣି ଆସିଥାଏ। ଏହି କେନାଲ ୫୩ ନମ୍ବର ଜାତୀୟ ରାଜପଥର ଗାନ୍ଧି ଛକରେ ଦକ୍ଷିଣ ପାର୍ଶ୍ୱକୁ ଯାଇଛି। କେନାଲ ଦ୍ୱାରା କ୍ଷେତ୍ରପାଳ, ବରମପୁର ଗ୍ରାମର ୫୦୦ଏକର ଚାଷ ଜମି, କଣ୍ଟିଗଡ଼ିଆ, ଜଗନ୍ନାଥପୁର ମୌଜାର ୫୦୦ଏକରରୁ ଅଧିକ ଚାଷ ଜମି ଜଳସେଚିତ ହୋଇଥାଏ। ଚାଷୀ ମଧ୍ୟ ରାଜସ୍ୱ ନିରୀକ୍ଷକଙ୍କୁ ଜଳକର ପ୍ରଦାନ କରିଥାନ୍ତି। ଏବେ ୫୩ନମ୍ବର ଜାତୀୟ ରାଜପଥ ଚଣ୍ଡିଖୋଲ ଛକଠାରୁ ପାରାଦୀପ ପର୍ଯ୍ୟନ୍ତ ୮ଲାଇନ କାର୍ଯ୍ୟ ଚାଲିଛି। ଏହି ରାସ୍ତା କାର୍ଯ୍ୟ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ କେନାଲକୁ ଅବରୋଧ କରିଥିବା ଅଭିଯୋଗ ହୋଇଛି। ଠିକାଦାର ରାସ୍ତାକୁ ବର୍ଦ୍ଧିତ କରିବା ପାଇଁ କେନାଲ ଉପରେ ମାଟି, ମୋରମ ପକାଇ ପିଚୁ କରିଛନ୍ତି। ଅନ୍ୟପକ୍ଷରେ ସେହିରାସ୍ତାକୁ ଲଗାଇ ପାଇପ ଲାଇନ କାର୍ଯ୍ୟ ଆରମ୍ଭ ହୋଇଛି। ସେ ପାଇପ କାର୍ଯ୍ୟ ମଧ୍ୟ କେନାଲ ତଳେ ନିଜ ଇଚ୍ଛାନୁସାରେ ଠିକାଦାର କରୁଛନ୍ତି। ଏହି କେନାଲ ଉପରେ ଜାରକା ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଚଣ୍ଡିଖୋଲ ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ, କାଏମା ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟି ପଡ଼ିନାହିଁ। କେନାଲ ପୋତି ହୋଇ ଯାଇଥିବାରୁ ଚାଷ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ତଦନ୍ତ କରି କେନାଲ ଅବରୋଧକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବତନ ସରପଞ୍ଚ ଆଶୋକ ସାହୁ, ସାମାଜିକ କର୍ମୀ ପଞ୍ଚାନନ ପରିଡ଼ା, ବରିଷ୍ଠ ଚାଷୀ ନବକିଶୋର ସାମନ୍ତରାୟ, ସୁଧୀର ଖଣ୍ଡାଇ, ଗୋପୀନାଥ ସାହୁ, ହୃଷୀକେଶ ସାମନ୍ତରାୟ, ଉମେଶ ନାୟକ, ଏକାଦଶୀ ପଣ୍ଡା ପ୍ରମୁଖ ଗ୍ରାମବାସୀ ଯାଜପୁର ଜିଲାପାଳ, ରାଜ୍ୟ ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



କେନାଲକୁ ମାଟି ପକାଇ ପୋତିଦିଆଯାଇଛି।

# ରାସ୍ତାର ଉଭୟ ପାର୍ଶ୍ୱରେ ୨ ଇଞ୍ଚର ବାଲି, ବଢୁଛି ଦୁର୍ଘଟଣା

ରଘୁନାଥପୁର,୨୬।୪ (ରାଜେନ୍ଦ୍ର ନାରାୟଣ ସିଂହ)

## କଟକ-ପାରାଦୀପ
### ଚେଇଁଶୋଇଛି ପୂର୍ତ୍ତ ବିଭାଗ

କଟକ-ପାରାଦୀପ ରାଜ୍ୟ ରାଜପଥର ରଘୁନାଥପୁରଠାରୁ ଜଇପୁର ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ୨ ଇଞ୍ଚ ବହଳର ବାଲି ଜମିରହିଛି। ଏହା ବାଇକ୍ ଚାଳକଙ୍କ ପାଇଁ ବିପଦସାବ୍ୟସ୍ତ ହୋଇ ଦୁର୍ଘଟଣା ବଢ଼ାଉଛି। ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ଏ ସମ୍ପର୍କରେ ଅବଗତ ଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଗତ ଦୁଇମାସ ମଧ୍ୟରେ ପଡ଼ିଥିବା ବାଲିରେ ବାଇକ୍ ଖସି ୫/୬ ଜଣ ଦୁର୍ଘଟଣାର ଶିକାର ହୋଇଥିବା ନଜିର ରହିଛି।

ଏହାସତ୍ତ୍ୱେ ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗର ଏଥିପ୍ରତି ଆନ୍ତରିକତା ନ ଥିବା ରଘୁନାଥପୁର ବଜାର କମିଟି ସମ୍ପାଦକ ପ୍ରଭାକର ଖଟୁଆ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଦୈନନ୍ଦିନ ମହାନଦୀ ଘାଟରୁ ଏହି ବାଟ ଦେଇ ଶତାଧିକ ଓଭରଲୋଡ୍ ବାଲି ଟ୍ରକ୍ ବିଶେଷ କରି ରାତ୍ରିବେଳେ ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। ଏହି ବାଲିଟ୍ରକ୍ ଯାତାୟାତ ସମୟରେ ସେଥିରୁ ବାଲି ଖସି ରାସ୍ତା ଉପରେ ଜମା ହୋଇଥାଏ। ମାତ୍ର ଉକ୍ତ ବାଲି ରାସ୍ତା ଉପରୁ ସଫା ହେଉ ନ ଥିବାରୁ ଯାତାୟାତ ସମୟରେ ବାଇକ୍ ଚାଳକଙ୍କ ପାଇଁ ସମସ୍ୟା ୨ଗୁଣ ହୋଇପଡୁଛି। ସମ୍ପୃକ୍ତ ବିଭାଗର ଯନ୍ତ୍ରୀଙ୍କଠାରୁ ଉଚ୍ଚପଦସ୍ଥ ଅଧିକାରୀମାନେ ଦୈନିକ ଏହି ବାଟଦେଇ ଯାତାୟାତ କରୁଥିଲେ ମଧ୍ୟ ସେମାନଙ୍କ ଏଥିପ୍ରତି ନଜର ନାହିଁ ବୋଲି ମତପ୍ରକାଶ ପାଇବା



ରାସ୍ତା ପାର୍ଶ୍ୱରେ ଜମିଥିବା ବାଲି।

ସହ ପୂର୍ତ୍ତ ବିଭାଗର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠିକାଦାରି କାର୍ଯ୍ୟ ବ୍ୟତୀତ ରାସ୍ତାର ରକ୍ଷଣାବେକ୍ଷଣ ଉପରେ ଏହି ବିଭାଗ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ରାସ୍ତାରେ ବାଇକ୍‌ରେ ଗଲାବେଳେ ଯେପରି ହେଲ୍‌ମେଟ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି, ଅନୁରୂପ ଭାବେ ଯାତାୟାତକୁ ସୁଗମ କରିବା ପାଇଁ ସରକାର ରାସ୍ତାର ସମସ୍ୟା ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପଡ଼ିଥିବା ବାଲିକୁ ସଫା କରିବା ପାଇଁ ଶରତ କୁମାର ସାହୁ, ଅଞ୍ଜନ କୁମାର ସେନାପତି, ସୁବଳ କୁମାର ସାହୁଙ୍କ ସହ ବଜାର କମିଟି ତଥା ସଚେତନ ନାଗରିକଙ୍କ ପକ୍ଷରୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ନଚେତ୍ ଆଗାମୀ ଦିନରେ ଅନେକ ବାଇକ୍ ଦୁର୍ଘଟଣାର ଶିକାର ହୋଇ ଧନଜୀବନ ହାନିହେବାର ଆଶଙ୍କା ରହିଛି। ଏଥିପାଇଁ ସମ୍ପୃକ୍ତ ବିଭାଗ ଦାୟୀ ରହିବ ବୋଲି ସମ୍ପାଦକ ଖଟୁଆ କହିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯାଇଥିଲା। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ସମୁଦ୍ରକୂଳରେ ହନୁମାନ ମୂର୍ତ୍ତି ପଡ଼ିବାକୁ ନେଇ ଚର୍ଚ୍ଚା

ପାରାଦୀପ,୨୬।୪(ଶରତ ରାଉତ)

ପାରାଦୀପ ଷଣ୍ଢକୁଦ ସୀମା ସମୁଦ୍ରକୂଳରେ ରବିବାର ଗୋଟିଏ ହନୁମାନ ମୂର୍ତ୍ତି ପଡ଼ିଥିବା ନେଇ ଦିନତମାମ ଚର୍ଚ୍ଚା ହୋଇଛି। କେତେଜଣ ନୋଳିଆ ସମ୍ପ୍ରଦାୟର ମତ୍ସ୍ୟଜୀବୀ ଏହାଦେଖି ଉକ୍ତ ମୂର୍ତ୍ତିକୁ ବାଲି ଉପରେ ବାଉଁଶ ଜରିଆରେ ଠିଆ କରିଛନ୍ତି। ଏ ସମ୍ପର୍କରେ ଏମ୍ ଭେଙ୍କଟ କୁହନ୍ତି, ମୂର୍ତ୍ତି ସମୁଦ୍ର ବାଲିରେ ଅଧା ପୋତି ହୋଇଯାଇଥିଲା। ତା'ଉପରେ ସମୁଦ୍ର ଢେଉ ମାଡ଼ ହେଉଥିବା ଦେଖି ସେ ଓ ଅନ୍ୟ ୪ ଜଣ ତାକୁ ଉଠାଇ ଆଣିଥିଲେ। ହନୁମାନଙ୍କ ଏହି ସିମେଣ୍ଟ ତିଆରି ମୂର୍ତ୍ତି ଉଚ୍ଚତା ପ୍ରାୟ ୪ ଫୁଟ ହେବ। ଉକ୍ତ ମୂର୍ତ୍ତିର ହାତ ଓ ଗଦା ଭାଙ୍ଗି ଯାଇଛି ବୋଲି ବିବେକାନନ୍ଦ ମିଶ୍ର ନାମକ ପୂଜକ କୁହନ୍ତି। ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଯୋଗୁ ଅନେକ ମଠ ମନ୍ଦିର ଭଙ୍ଗାଯାଉଛି। ସେଠାରେ ଥିବା



ସମୁଦ୍ର କୂଳରୁ ମିଳିଥିବା ହନୁମାନ ମୂର୍ତ୍ତି।

ଦେବଦେବୀଙ୍କ ମୂର୍ତ୍ତିକୁ ଠିକାସଂସ୍ଥା ପକ୍ଷରୁ ନଦୀ ଓ ସମୁଦ୍ରରେ ପକେଇ ଦିଆଯାଉଥିବା ଜଣାପଡ଼ିଛି। ଗତ ଫେବୃଆରୀରେ ଏପରି ଏକ ଜଗନ୍ନାଥ ମୂର୍ତ୍ତି ନେହେରୁ ବଙ୍ଗଳା ମହାନଦୀ ମୁହାଣରେ ଭାସୁଥିବା ବେଳେ କେତେଜଣ ଯୁବକ ଉଦ୍ଧାର କରିଥିଲେ।

# ଶ୍ରୀ ଶନିଦେବଙ୍କ ମହାଯଜ୍ଞର ପୂର୍ଣ୍ଣାହୁତି

କୁଜଙ୍ଗ, ୨୬।୪(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ବାଲିତୁଠ ପଞ୍ଚାୟତ ଅନ୍ତର୍ଗତ ବିଜିପୁର ଗ୍ରାମରେ ଶ୍ରୀ ଶ୍ରୀ ଶନିଦେବଙ୍କ ୧୫ତମ ବାର୍ଷିକ ମହୋତ୍ସବ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ଧରି ଆୟୋଜିତ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ କଳସାଧିବାସ, ସୂର୍ଯ୍ୟପୂଜା, ଗୋ ପୂଜା, ଶିଖରୀ ସ୍ନାନ, ଷୋଡ଼ଶ ଉପଚାର ପୂଜା, ଯଜ୍ଞ ପୂର୍ଣ୍ଣାହୁତି ଆଦି ନୀତିକାନ୍ତି କରାଯାଇଛି। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁମାନେ ଆସି ଶ୍ରୀ ଶନିଦେବଙ୍କ ଜଳାଭିଷେକ ଓ ତୈଳାଭିଷେକ କରିଥିଲେ। ପ୍ରଫୁଲ୍ଲ ନାୟକ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ନିତ୍ୟାନନ୍ଦ ଦାଶଙ୍କ ପୌରୋହିତ୍ୟରେ ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସନ୍ଧ୍ୟାରେ ଭକ୍ତି ମୂର୍ଚ୍ଛନା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଉତ୍ସବରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଏରସମା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା ଓ ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ଦାସ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀ ଶନି ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ରବୀନ୍ଦ୍ର କୁମାର ପଣ୍ଡା, ସାମାଜିକ କର୍ମୀ କେତନ କୁମାର ମିଶ୍ର, ସନ୍ତୋଷ କୁମାର ଦାସ, ଅଭୟ କୁମାର ମିଶ୍ର,ଦାମୋଦର ପରିଡାଙ୍କ ସମେତ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ। ରବିବାର ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଏଥିରେ ବିଭିନ୍ନ ପଞ୍ଚାୟତର ବହୁ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଶିଆଳିରେ ଏମ୍‌ପିଙ୍କ ପ୍ରତିବାଦ ସଭା



ଏମ୍‌ପି ବିଭୁ ପ୍ରସାଦ ତରାଇ ଓ ସମର୍ଥକମାନେ ପ୍ରତିବାଦ କରୁଛନ୍ତି।

ଏରସମା, ୨୬।୪ ( ଦୀପ୍ତି ଖଣ୍ଡୁଆଳ)

## ଦାମବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମିରୁ ଦାମବାବୁଙ୍କ ପ୍ରତିମୂର୍ତ୍ତିକୁ ବନ ବିଭାଗ ପକ୍ଷରୁ ହଟେଇଦେବା ଘଟଣା ଭିନ୍ନ ମୋଡ ନେଇଛି। ଏହା ବିରୋଧରେ ଭାଜପା ପକ୍ଷରୁ ରବିବାର ମୂର୍ତ୍ତିଭଙ୍ଗା ହୋଇଥିବା ସ୍ଥାନରେ ଦାମବାବୁଙ୍କ ଫଟୋ ରଖି ଏକ ପ୍ରତିବାଦ ସଭା କରାଯାଇଛି। ଏଥିରେ ଏମ୍‌ପି ବିଭୁ ପ୍ରସାଦ ତରାଇ ଯୋଗ ଦେଇ ଦାମବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯିବା ଘଟଣାକୁ ଦୃଢ଼ ନିନ୍ଦା କରିଥିଲେ। ସେ କହିଲେ, ଡ. ଦାମୋଦର ରାଉତ ଓଡ଼ିଶାର ଜଣେ ପ୍ରବୀଣ ରାଜନୀତିଜ୍ଞ, ପୂର୍ବତନ ମନ୍ତ୍ରୀ। ଏରସମା ହେଉଛି ତାଙ୍କ ଜନ୍ମମାଟି। ଯଦି ଫରେଷ୍ଟ ଆକ୍ଟ ଅନୁସାରେ ସେଠାରେ ଶିଆଳିରେ ପ୍ରତିମୂର୍ତ୍ତି ସ୍ଥାପନ କରିବା ଆଇନ ବିରୁଦ୍ଧ, ତେବେ ବନ ବିଭାଗ ଅଧିକାରୀ ହୁଅନ୍ତୁ ବା ପ୍ରଶାସନ ସ୍ଥାନୀୟ ରାଜନେତାଙ୍କ ସହ ଆଲୋଚନା କରି ଅନ୍ୟତ୍ର ସ୍ଥାନାନ୍ତର କରିପାରିଥାନ୍ତେ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଏମ୍‌ପି ତରାଇ କହିଥିଲେ। ପ୍ରତିବାଦ ସଭାର ନେତୃତ୍ୱ ନିରାକାର ସ୍ୱାଇଁ ନେଉଥିବାବେଳେ ଭାଜପା ଜିଲା ସଭାପତି ପ୍ରତାପ ମିଶ୍ର, ଶିବବ୍ରତ ଦାସ, ସଞ୍ଜୟ ମହାନ୍ତି, ନୃସିଂହ ସାହୁ ଓ ନିରୁପମା ସ୍ୱାଇଁ ପ୍ରମୁଖ ଉପସ୍ଥିତ ହୋଇ ଏହି ଘଟଣାକୁ ନିନ୍ଦା କରିଥିଲେ। ସଭା ପ୍ରାରମ୍ଭରେ ଡ. ରାଉତଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

ବାଲିକୁଦା, ୨୬।୪(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାୟତ ଅନ୍ତର୍ଗତ ଶୋଭା ଓଷକଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପରିଚାଳନା କମିଟି ସଭାପତି ଅପ୍ରତି ଚରଣ ମହାନ୍ତିଙ୍କ ସଭାପତିତ୍ୱ ଓ ଆଚାର୍ଯ୍ୟ ଧର୍ମେନ୍ଦ୍ର ସାହୁଙ୍କ ମଞ୍ଚ ପରିଚାଳନାରେ ୩୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସନ୍ଥ ଶ୍ରୀ ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଭାଜପା ଜିଲା ସଭାପତି ତଥା ବିଶିଷ୍ଟ କବି ପ୍ରତାପ ମିଶ୍ର ଯୋଗ ଦେଇ ଅବସର ଗ୍ରହଣ କରିଥିବା ୨ ଆଚାର୍ଯ୍ୟ ତରୁଣ କୁମାର ବିଶ୍ୱାଳ ଓ ତ୍ରିଲୋଚନ ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ସୁନୀଲ ଜେନାଙ୍କୁ ତାଙ୍କ ଉତ୍ତମ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ ସୁଶାନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ନମିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସରୋଜ କୁମାର ସ୍ୱାଇଁଙ୍କ ମଞ୍ଚ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ବାସୁଦେବ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ହିନ୍ଦୀ ନାଟକ ଗୋଲଡେନ ବଜାରରେ ମହିଳାଙ୍କ ସଂଘର୍ଷର କଥା

ପାରାଦୀପ,୨୬।୪(ଶରତ ରାଉତ)

ନାଟ୍ୟ ଅନୁଷ୍ଠାନ କାନମାସ ପକ୍ଷରୁ ଆୟୋଜିତ ଜାତୀୟ ନାଟ ମହୋତ୍ସବର ରବିବାର ସନ୍ଧ୍ୟାରେ ହିନ୍ଦୀ ନାଟକ ଗୋଲଡେନ ବଜାର ମଞ୍ଚସ୍ଥ ହୋଇଛି। ପୋଲି ଥିଏଟର ଦ୍ୱାରା ପ୍ରଯୋଜିତ ଏବଂ ବିଜୟ ସିଂହ ପରମାରଙ୍କ ନିର୍ଦ୍ଦେଶିତ ଏହି ନାଟକରେ କଳାକାରମାନେ ମହିଳାଙ୍କ ସଂଘର୍ଷ ଜୀବନ କଥା ଚିତ୍ରଣ କରିଛନ୍ତି। ଜଣେ ମହିଳା ସମାଜରେ ଘଟୁଥିବା ହିଂସାତ୍ମକ ଘଟଣାକୁ କିପରି ସାମ୍ନା କରି ଜୀବନ ବିତାଉଛନ୍ତି ତାହା ଏହି ନାଟକରେ ଦର୍ଶାଯାଇଛି।



ନାଟକରେ କଳାକାରମାନେ ଅଭିନୟ କରୁଛନ୍ତି।

# ବିଶ୍ୱଶାନ୍ତି ମହାଯଜ୍ଞ, ଶନିଦେବଙ୍କ ଜଳାଭିଷେକ



ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଉଛି।

ପଟ୍ଟାମୁଣ୍ଡାଇ, ୨୬।୪(କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଶାସନ ପଞ୍ଚାୟତ ଅନ୍ତର୍ଗତ ମାଳିପୁର ଗ୍ରାମର ଶନି ମନ୍ଦିର ପ୍ରାଙ୍ଗଣରେ ଶନିଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା, ଜଳାଭିଷେକ ଭଜନ ସମାରୋହ ଅନୁଷ୍ଠିତ ହୋଇ ଶନିବାର ରାତିରେ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ଅବସରରେ ପ୍ରକୃତିବନ୍ଧୁ ସମ୍ମାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁଙ୍କ ପୌରୋହିତ୍ୟ ଓ ଶନି ମନ୍ଦିର ପରିଚାଳନା କମିଟି ସଭାପତି ରମାକାନ୍ତ ସାହୁଙ୍କ ସଂଯୋଜନା ଅନୁଷ୍ଠିତ ସଭାରେ ଆଳି କଲେଜ ବରିଷ୍ଠ ଅଧ୍ୟାପକ ରବିନ୍ଦ୍ର ଦାଶ ମୁଖ୍ୟଅତିଥି, ଶିକ୍ଷାବିତ ଗୋପବନ୍ଧୁ ନାୟକ ମୁଖ୍ୟବକ୍ତା, ଶାସନ ସରପଞ୍ଚ ସଂଗ୍ରାମ ବାରିକ, କମିଟି ସମ୍ପାଦକ ଅନ କୁମାର ବିଶ୍ୱାଳ, ଗୋଲକ ବିହାରୀ ମଲିକ, ପ୍ରତିଷ୍ଠାତା ସମ୍ପାଦକ ସୁରେଶ କୁମାର ସେନାପତି ସମ୍ମାନିତଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ଗୋପବନ୍ଧୁ ନାୟକଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯିବା ସହିତ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର କୁଣ୍ଡ, ଗଣେଶ ସେନାପତି, ପିଂଟୁ ସେନାପତି, ବାସୁଦେବ ସେଠୀ କାର୍ତ୍ତୀକ ସେନାପତି ପରିଚାଳନା କରିଥିଲେ।

# ଚୋରା ମଦ ବିରୋଧରେ ମାତିଲେ ମହିଳା

ଏରସମା, ୨୬।୪ ( ଦୀପ୍ତି ଖଣ୍ଡୁଆଳ )

ଏରସମା ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତରେ ଚାଲିଥିବା ଚୋରା ମଦ କାରବାର ବିରୋଧରେ ମହିଳାମାନେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି। ରବିବାର ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଦ୍ରୌପଦୀ କାଣ୍ଡି, ଆଶା କାଣ୍ଡି, ଗଙ୍ଗା ଜାନା, ରମା ଦେଈ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମହିଳା ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ସେମାନେ ବ୍ୟାନର ଧରି ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ୱାର୍ଡ ପରିକ୍ରମା କରିଥିଲେ। ଚୋରା ମଦ ଚାଲିବ ନାହିଁ, ମଦ ନିଷେଧ ଆମର ଦାବି ପ୍ରଭୃତି ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ପୂର୍ବତନ ସରପଞ୍ଚ କେଶବ ପାତ୍ର, ସାମାଜିକ କର୍ମୀ ଉପେନ୍ଦ୍ର ସାମନ୍ତ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇ ଆନ୍ଦୋଳନକାରୀ ମହିଳାମାନଙ୍କୁ ନୈତିକ ସମର୍ଥନ ଦେଇଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଶିଆଳି ସମୁଦ୍ର ବେଳାଭୂମି ଏହି ପଞ୍ଚାୟତରେ ରହିଛି। ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପର୍ଯ୍ୟଟକମାନେ ଆସୁଛନ୍ତି। ଏହାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟକ୍ତି ନାମକୁମାତ୍ର ଛୋଟ ଦୋକାନଟିଏ ଖୋଲି ଚୋରା ମଦ ବେପାରରେ ଲାଗିଛନ୍ତି। ପୋଲିସ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏହି କାରବାର ବନ୍ଦ କରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ନୂଆ ସିଡବ୍ଲ୍ୟୁସି କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା

ଜଗତ୍‌ସିଂହପୁର, ୨୬।୪(ପ୍ରମୋଦ କୁମାର ନାୟକ)

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜଗତ୍‌ସିଂହପୁର ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)ରେ ନୂଆ କର୍ମକର୍ତ୍ତା ନିଯୁକ୍ତି ଦିଆଯାଇଛି। ଏଥିରେ କାଦୁଆପଡ଼ା ନିକଟ କୋର୍ଡିଆ ବାରଙ୍ଗ ଗ୍ରାମର ଶୁଭଶ୍ରୀ ପାଇଟାଳଙ୍କୁ ଅଧ୍ୟକ୍ଷା ଭାବେ ଗୁରୁଦାୟିତ୍ୱ ଦିଆଯାଇଛି। ସେହିପରି ସ୍ଥାନୀୟ ଗୋପାଳସାଗର ବାସିନ୍ଦା ଭାରତୀ ମହାପାତ୍ର, ବୋରିକିନା କୁନ୍ଦପୁର ଗ୍ରାମର ସୁଶାନ୍ତ କୁମାର ପଲେଇ, ନାଉଗାଁ ଗୋଠଦାର ତୃପ୍ତି ସାହୁ, ଅଣଖିଆ ଅଡ଼ଙ୍ଗଶାସନ ଗ୍ରାମର ସବିତା ମିଶ୍ର ସଭ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ଏହି ନୂଆ କର୍ମକର୍ତ୍ତାଙ୍କ ନିଯୁକ୍ତି ପରେ ସେମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଜିଲା ଶିଶୁ ବିକାଶ କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ଆଗାମୀ ଦିନରେ ସେମାନଙ୍କ କାର୍ଯ୍ୟ ଉପରେ ପ୍ରତ୍ୟେକଙ୍କ ନଜର ରହିବ।

# କମ୍ ଦରରେ ଟେଣ୍ଡର ପକାଇଲେ କାର୍ଯ୍ୟାନୁଷ୍ଠାନ

ଜଗତ୍‌ସିଂହପୁର, ୨୬।୪ (ପ୍ରମୋଦ କୁମାର ନାୟକ)

## ଜଗତ୍‌ସିଂହପୁର ଠିକାଦାର ମହାସଂଘର ସାଧାରଣ ବୈଠକ

ଜଗତ୍‌ସିଂହପୁର ଠିକାଦାର ମହାସଂଘ ପକ୍ଷରୁ ରବିବାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସରକାର ଜିଲାର ବିକାଶ ପାଇଁ ବିଭିନ୍ନ ସମୟରେ ଟେଣ୍ଡର ଆହ୍ୱାନ କରୁଛନ୍ତି। କିନ୍ତୁ ଠିକାଦାରମାନେ ଟେଣ୍ଡର ପକାଇବା ପୂର୍ବରୁ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବା ଆବଶ୍ୟକ। ଅର୍ଥାତ୍ ସିଡୁଲ ଅଫ୍ ରେଟ୍ସ(ଏସ୍‌ଓଆର୍)ରେ ଟେଣ୍ଡର ପକାଇବା ଉଚିତ। ଏହାଦ୍ୱାରା କାର୍ଯ୍ୟର ଗୁଣବତ୍ତା ରକ୍ଷା କରାଯାଇପାରିବ। ଯେଉଁ ଠିକାଦାରମାନେ ଏସ୍‌ଓଆର୍‌କୁ ଗୁରୁତ୍ୱ ନ ଦେଇ ଲୋ ରେଟ୍ ଟେଣ୍ଡର ପକାଇବେ ସେମାନଙ୍କ ବିରୋଧରେ ମହାସଂଘ ତରଫରୁ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ୩୦ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି କାର୍ଯ୍ୟର ଗୁଣବତ୍ତା ଅନୁଧ୍ୟାନ କଲାପରେ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ। କେବଳ ଏତିକି ନୁହେଁ, ଦୁର୍ନୀତି ନିବାରଣ ବିଭାଗ ଓ ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯିବ। ତେଣୁ ପ୍ରତ୍ୟେକ ଠିକାଦାର ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ଚିନ୍ତା କରି ଏସ୍‌ଓଆର୍ ଆଧାରରେ ଟେଣ୍ଡର ପକାଇ ଜିଲା ବିକାଶରେ ସହଯୋଗ କରିବାକୁ ମହାସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ବୈଠକର ନେତୃତ୍ୱ ମହାସଂଘ ସଭାପତି ଅରବିନ୍ଦ ହୋତା, କାର୍ଯ୍ୟକାରୀ ସଭାପତି ଆଲୋକ ଦାସ, ଦେବକାନ୍ତ ମଲ୍ଲିକ ଓ ସମ୍ପାଦକ ବାହୁବଳେନ୍ଦ୍ର ମଲ୍ଲିକ ନେଇଥିଲେ। ଏଥିରେ ଜିଲାର ସମସ୍ତ ୮ ବ୍ଲକର ସଭ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ଠିକାଦାର ମହାସଂଘର ସଦସ୍ୟମାନେ।

# ସାତଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ନାଉଗାଁ,୨୬।୪(ସୁଧା ବେହୁରା)

## ଡାଲା ଅଟୋରେ ଗ୍ୟାସ୍ ବୋଝେଇ ପ୍ରସଙ୍ଗ

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ମୁଣ୍ଡାଳ ବଜାରରେ ଗତ ଏପ୍ରିଲ ୧୮ରେ ଏକ ଡାଲାଅଟୋରେ ଗ୍ୟାସ୍ ପରିବହନ କରି ନେଉଥିବା ବେଳେ ହଠାତ ଚାଳକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ଉକ୍ତ ଗାଡିରେ ଥିବା ଗ୍ୟାସ୍ ସିଲିଣ୍ଡରକୁ କିଏ ନେଇଯାଇଥିବା ବେଳେ ପୋଲିସ ଗାଡିକୁ ଜବତ କରି ଥାନାକୁ ଆଣିଛି। ଉକ୍ତ ଘଟଣାକୁ ଦୀର୍ଘ ସାତଦିନ ପୂରି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅଟୋରେ ବୋଝେଇ ଗ୍ୟାସ୍ କେଉଁ କେନ୍ଦ୍ରରୁ କେଉଁ ସ୍ଥାନକୁ ଯାଉଥିଲା ତାହା ଏବେ ବି ସନ୍ଦେହ ଘେରରେ ରହିଛି। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ହେଉଥିବା ଯୁଦ୍ଧକୁ ନେଇ ଗ୍ୟାସ ଉପରେ ରାଜ୍ୟ ଓ କେନ୍ଦ୍ର ସରକାର କଟକଣା ଲଗାଇଛନ୍ତି। ଏପରିକି ସାଧାରଣ ଲୋକେ ଗ୍ୟାସ୍ ବୁକିଂ କରିଥିଲେ ମଧ୍ୟ ପାଇବା ପାଇଁ ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡୁଛି। ଗ୍ୟାସ୍ ଉପରେ ନିର୍ଭର କରୁଥିବା ହୋଟେଲଗୁଡିକ ଗ୍ୟାସ ସିଲିଣ୍ଡର ନ ପାଇ ଏକରକମ ବନ୍ଦ ହେବାକୁ ବସିଛି। ଅପରପକ୍ଷେ ଗ୍ୟାସ୍ କଳାବଜାରକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। କିନ୍ତୁ ଉକ୍ତ ବ୍ଲକରେ ପ୍ରଶାସନର ସ୍ଥାଣୁତା ନେଇ ବିତରକମାନେ କେତେଜଣ ଦଲାଲଙ୍କୁ ହାତରେ ରଖି ଚଢାଦରରେ ଗ୍ୟାସ୍ କଳା ବଜାରରେ ବିକ୍ରି କରୁଥିବା ଜଣାପଡ଼ିଛି। ଏହାର ଜ୍ୱଳନ୍ତ ଉଦାହରଣ ଗତ ଏପ୍ରିଲ ୧୮ରେ ମୁଣ୍ଡାଳ ବଜାର ନିକଟରେ ଦେଖିବାକୁ ମିଳିଛି। ଡାଲା ଅଟୋ(ନଂ-ଓଆର୦୨ବିକ୍ୟୁ୫୮୧୫) ରେ ବେଆଇନ ଭାବେ ଗ୍ୟାସ ବୋଝେଇ ହୋଇ ଯାଉଥିବା ଚର୍ଚ୍ଚା ହେଉଛି। ଗ୍ୟାସ ଚାଳକଙ୍କର ହଠାତ ଅସ୍ୱାଭାବିକ ମୃତ୍ୟୁ ଘଟିବା ପରେ ଗ୍ୟାସ ବୋଝେଇ ଗାଡିଟି ମୁଣ୍ଡାଳ ବଜାର ନିକଟରେ ରହିଯାଇଥିଲା। କେତେଜଣ ଯୁବକ ଆମ୍ବୁଲାନ୍ସ ସହାୟତାରେ ଗାଡି ଚାଳକଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ



ଚିକିତ୍ସା ପାଇଁ ଆଣିଥିବା ବେଳେ ଗ୍ୟାସ ବିତରକଙ୍କ ସମ୍ପର୍କୀୟ ଗାଡିରେ ଥିବା ଗ୍ୟାସ୍ ସିଲିଣ୍ଡରକୁ ନେଇଯାଇଥିବା କୁହାଯାଉଛି। ପୋଲିସ ଖବରପାଇ ଗାଡି ଚାଳକଙ୍କ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଡାଲା ଅଟୋକୁ ଥାନାରେ ଅଟକ ରଖିଛି। ହେଲେ ଏହି ଗ୍ୟାସ୍ କେଉଁ କେନ୍ଦ୍ରରୁ କେଉଁ ସ୍ଥାନକୁ ଯାଉଥିଲା ଏବଂ ଗାଡି ଚାଳକ ଗାଡିରେ ଟଳିପଡିବା ସମୟରେ କିଏ ଗ୍ୟାସ ସିଲିଣ୍ଡରକୁ ନେଇଯାଇଛି, ତାହା ଏପର୍ଯ୍ୟନ୍ତ ସନ୍ଦେହ ଘେରରେ ରହିଛି। ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ତଦନ୍ତ ହୋଇ ନ ଥିବା ବେଳେ ଏହି ଘଟଣାର ଠିକ୍ ତଥ୍ୟ ପଦାକୁ ଆସିପାରିନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଉକ୍ତ ଗାଡିରେ ଗ୍ୟାସ୍ ବୋଝେଇ ହୋଇ ଯାଉଥିବା ବେଳେ ଗାଡିର ଫିଟନେସ ଓ ଇନ୍‌ସ୍ୟୁରାନ୍ସ ନ ଥିବା ଜଣାପଡ଼ିଛି।

ଏସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଜିତ୍ରୟ ଚରଣ ଟୁଡୁଙ୍କ ମୋବାଇଲ୍ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ତଦନ୍ତ ସମ୍ପର୍କରେ ଥାନାଧିକାରୀ ଦେବାଶିଷ ପଣ୍ଡାଙ୍କୁ ପଚାରିବାରେ ତଦନ୍ତ ଜାରି ରହିଥିବା କହିଛନ୍ତି।

## ସଂକ୍ଷେପରେ

### ବସ୍ ଦୁର୍ଘଟଣା, ବର୍ତ୍ତିଲେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ



ବାଲିଗୁଡ଼ା,୨୬।୪(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ପାଇବର ସାହି ନିକଟରେ କାର-ବସ୍ ମୁହାଁମୁହିଁ ଧକ୍କା ହୋଇଛି। ବସରେ ଥିବା ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଫୁଲବାଣୀରୁ ମୋହନଗିରୀ ଅଭିମୁଖେ ଯାଉଥିବା ମା' ତାରିଣୀ ନାମକ ବସ୍‌ଟି ପାଇବର ସାହି ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଦୀପକ ନାମକ ଘରୋଇ ବସକୁ କାରଟି ଓଭରଟେକ କରିଥିଲା। କାରକୁ ଦେଖି ମା' ତାରିଣୀ ବସର ଡ୍ରାଇଭର ହଠାତ ବ୍ରେକ ମାରିବାରୁ ଗାର୍ଡୱାଲରେ ବସ ପିଟି ହୋଇଥିଲା। ତେବେ ଦୁର୍ଘଟଣାରେ ବସରେ ବସିଥିବା ସମସ୍ତ ଯାତ୍ରୀ ଓ କାର ଡ୍ରାଇଭର ସମସ୍ତେ ସୁରକ୍ଷିତ ଥିବା ଜଣାପଡିଛି। ଖବର ପାଇ କ.ନୂଆଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ସୁଧାର ଗୃହକୁ ଗଲେ ୨ ନାବାଳକ

#### ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ ଘଟଣା

ହିଞ୍ଜିଳିକାଟୁ, ୨୬।୪ (ଦ୍ୱିତୀକୃଷ ପଣ୍ଡା)

ହିଞ୍ଜିଳିକାଟୁ ବସ୍ ଟର୍ମିନାଲ ପରିସରରେ ଶନିବାର ସକାଳେ ଏକ ଘରୋଇ ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ କରିବା ସହ ସୁନା ଚେନ ଓ ଟଙ୍କା ଲୁଟ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ପୌରାଞ୍ଚଳର ୨ ଜଣ ନାବାଳକଙ୍କୁ ହିଞ୍ଜିଳି ପୋଲିସ ବ୍ରହ୍ମପୁର ବାଲସୁଧାର ଗୃହକୁ ପଠାଇଛି। ଏନେଇ କେଶ୍ ନଂ. ୨୬୩/୨୬ରେ ଏକ ମାମଲା ରୁଜୁ ହୋଇଛି।

### ନାବାଳିକାଙ୍କୁ ନିର୍ଯ୍ୟାତନା ମାମଲାରେ ଜଣେ ଗିରଫ

ଜୟପୁର,୨୬।୪(ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ପ୍ରେମ ବିବାହ କରି ନିର୍ଯ୍ୟାତନା ଦେଉଥିବା ଅଭିଯୋଗରେ ଜୟପୁର ମହିଳା ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତ ହେଲେ ସତ୍ୟନାରାୟଣ ବାଘ। ସୂଚନାନୁଯାୟୀ, କୋରାପୁଟ ଜିଲା ରଙ୍ଗବାଲିକୁମ୍ଭ ଅଞ୍ଚଳର ଯୁବକ ଅନ୍ୟ ଏକ ଗ୍ରାମର ନାବାଳିକା ସାଙ୍ଗରେ ୨୦୨୪ରେ ପ୍ରେମ କରି ବିବାହ ପ୍ରଲୋଭନ ଦେଖାଇ ନିର୍ଯ୍ୟାତନା ଦେଉଥିଲେ। ନାବାଳିକା ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଅଶ୍ରୀତା ଖାଲକୋ କହିଛନ୍ତି।

### କାର-ବାଇକ୍ ଧକ୍କା:୪ ଗୁରୁତର

ଜୟପୁର,୨୬।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦରଥାନା ଅଧୀନ ବାମୁଣିପୁଟରେ କାର ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୪ ଜଣ ଗୁରୁତର ହୋଇଛନ୍ତି। ଜୟପୁରଠାରୁ ବୈପାରିଗୁଡା ଅଭିମୁଖେ ଯାଉଥିବା ଏକ ବାଇକ୍ ବିପରୀତ ପଟୁ ଆସୁଥିବା କାର ଧକ୍କା ହୋଇଥିଲା। ଏଥିରେ କାର ରାସ୍ତାକଡରେ ଥିବା ଏକ ଦୋକାନକୁ ବାଜି ଓଲଟି ପଡିଥିଲା। ଦୋକାନ ଘରର କାନ୍ଥ ଭାଙ୍ଗିଯାଇଛି। କାରରେ ଥିବା ୩ ଯାତ୍ରୀ ଗୁରୁତର ହୋଇଛନ୍ତି।

# କଳିଙ୍ଗା ଘାଟିରେ ବାଜୁନି ସାଇରନ୍

## କନ୍ଧମାଳ ଜିଲାରେ ୫ ବ୍ଲାକ୍‌ସ୍ପଟ



ଫୁଲବାଣୀ,୨୬।୪(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ୫ଟି ଦୁର୍ଘଟଣାପ୍ରବଣ ସ୍ଥାନ ବ୍ଲାକ୍‌ସ୍ପଟ ଠାବ କରାଯାଇଛି। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ହେଉଛି। ଏଭଳି ସ୍ଥିତିରେ ଜିଲାର କଳିଙ୍ଗା ଘାଟିରେ ବାରମ୍ବାର ଦୁର୍ଘଟଣା ଘଟିବା ଏବଂ ଭୂସ୍ଖଳନ ଯୋଗୁ ବୁଲାଣିରେ ୨୦୦ ମିଟର ଦୂରରୁ ଲଗା ଯାଇଥିବା ସାଇରନ ଅନେକ ସମୟରେ ବାଜୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଦୁର୍ଘଟଣା ଏଡାଇବା ପାଇଁ ଯେଉଁ ବ୍ୟବସ୍ଥା କରାଯାଇଥିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କଳିଙ୍ଗାଘାଟି ପ୍ରାୟ ୧୦ କିଲୋମିଟର। ଇଂରେଜ ଅମଳରେ ଉକ୍ତ ରାସ୍ତା ହୋଇଥିବା ବେଳେ ପରେ ଉନ୍ନତୀକରଣ କରାଯାଇଛି। ପୂର୍ବରୁ ଉକ୍ତ ରାସ୍ତା ସଂକୀର୍ଣ୍ଣ ଥିଲା । ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ରାସ୍ତାରେ ଯେଭଳି ଦୁଇଟି ଯାନବାହନ ଚଳାଚଳ କରିପାରିବ ସେଥିପାଇଁ ରାସ୍ତା ନିର୍ମାଣ ହୋଇଥିଲା । ବର୍ତ୍ତମାନ ଉକ୍ତ ରାସ୍ତା ଜାତୀୟ ରାଜପଥ ଅଧୀନରେ ରହିଛି। ୨୦୨୫ ସେପ୍ଟେମ୍ବର ୮ ତାରିଖରେ କଳିଙ୍ଗା ଘାଟି ରାସ୍ତାରେ ଭୂସ୍ଖଳନ ହୋଇଥିଲା। ଦୀର୍ଘମାସ ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ଯାତାୟତ ଠପ୍ ହୋଇ ପଡ଼ିଥିଲା। ପରେ ରାସ୍ତା ମରାମତି ହୋଇ ଗାଡି ଚଳାଚଳ କରୁଛି। ଘାଟିର ବୁଲାଣିରେ ସତର୍କ ପାଇଁ ୨୦୦ ମିଟର ପୂର୍ବରୁ ସେନସର ଯୋଗେ ସାଇରନ ବାଜିବା ବ୍ୟବସ୍ଥା ହୋଇଛି। ବୁଲାଣିର ୨୦୦ ମିଟର ପୂର୍ବରୁ ଆଗରୁ ଗାଡି ଅଛି କି ନାହିଁ ତାହା ଡ୍ରାଇଭର ଜାଣିବା ଏହି ସାଇରନ ବାଜୁଥିଲା । ହେଲେ କିଛି ଦିନ ହେବ ଅନେକ ସମୟରେ ସାଇରନ ବାଜୁନାହିଁ। ଗାଡି ଡ୍ରାଇଭର ମାନେ ଆଗୁଆ ସୂଚନା ପାଇ ପାରୁନାହାନ୍ତି।

୩ ବର୍ଷ ମଧ୍ୟରେ ଯେଉଁ ଘାଟିରେ ହେଉ କିମ୍ବା ରାସ୍ତାରେ ଦୁର୍ଘଟଣା ଘଟି ୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥାଏ, ସେହି ସବୁ ସ୍ଥାନକୁ ବ୍ଲକସ୍ପଟ୍ ଭାବେ ଚିହ୍ନଟ କରାଯାଇଥାଏ। ଜିଲାର ୫ଟି ସ୍ଥାନକୁ ବ୍ଲାକସ୍ପଟ୍ ଭାବେ ଚିହ୍ନଟ କରାଯାଇଛି। ସେଥି ମଧ୍ୟରେ କଳିଙ୍ଗା ଘାଟିର ତାରୁବାଙ୍କ, ବାଲିଗୁଡ଼ା-ତୁମୁଡ଼ିବନ୍ଧ ରାସ୍ତାର ଗଡ଼ିଗିଆ ଘାଟି, ତୁମୁଡ଼ିବନ୍ଧ ବ୍ଲକର ଧୁଙ୍ଗିଆପଖାଳ ଘାଟି, ବୁଦୁଲିପଦର ଘାଟି ଓ ଦାରିଙ୍ଗବାଡ଼ି ବ୍ଲକର ବିରିଘାଟି ରହିଥିବା ଜିଲା ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

କଳିଙ୍ଗା ଘାଟି ଦେଇ ଗାଡିସବୁ ଫୁଲବାଣୀ, ବୌଦ୍ଧ, ବଲାଙ୍ଗୀର, ବରଗଡ଼, ମାଲକାନାଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର ଆଦି ଜିଲାକୁ ଯାତାୟତ କରିଥାଏ । ଉକ୍ତ ଘାଟିରେ ଭୂସ୍ଖଳନ ଯୋଗୁ ଦୀର୍ଘ ମାସ ଧରି ଉପରୋକ୍ତ ଜିଲାକୁ ଛାଡି ଓଡିଶା-ଛତିଶଗଡ଼-ଆନ୍ଧ୍ରପ୍ରଦେଶକୁ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ଶହ ଶହ ପରିବାର ପାଇଁ ରୋଜଗାର ପନ୍ଥା ବନ୍ଦ ହୋଇଥିଲା । ମରାମତି ପରେ ବର୍ତ୍ତମାନ ଉକ୍ତ ରାସ୍ତାରେ ଯାତାୟତ ସମ୍ଭବ ହୋଇଥିଲେ ମଧ୍ୟ ତାହା ସ୍ଥାୟୀ ନୁହେଁ ବୋଲି କୁହାଯାଇଛି। ଯେଉଁ ରାସ୍ତାରେ ଭୂସ୍ଖଳନ ଘଟିଥିଲା ପ୍ରାୟ ୫୦ ମିଟର ପର୍ଯ୍ୟନ୍ତ ରାସ୍ତାଟି ବର୍ତ୍ତମାନ ସଂକୀର୍ଣ୍ଣ ହୋଇ ପଡ଼ିଛି । ସେହି ସ୍ଥାନରେ କେବଳ ଗୋଟିଏ ଗାଡି ଯାତାୟତ ସମ୍ଭବ ହୋଇ ପାରୁଛି । ସୁରକ୍ଷା ପାଇଁ ଭୂସ୍ଖଳନ ରାସ୍ତାର ଉଭୟ ପାର୍ଶ୍ୱରେ ୮ ଫୁଟରେ ସୁରକ୍ଷା ପାଚେରି ହୋଇଛି। ହେଲେ ସେଠାରେ ଆଜି ମଧ୍ୟ ଅନେକ ବଡ଼ ବଡ଼ ପଥର ଝୁଲି ରହିଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ କାମଚଳା ନୀତିରେ ରାସ୍ତାରେ ଯାତାୟତ ସମ୍ଭବ କରାଇ ଦେଇ ଆଉ ଦେଖା ଦେଉନାହାନ୍ତି। ଏହାର ସ୍ଥାୟୀ ସମାଧାନ କରିବା ସହିତ ଅନ୍ୟଏକ ରାସ୍ତା ପାଇଁ ପଦକ୍ଷେପ ନେବାକୁ ଜିଲାବାସୀ ଦାବି କରିଛନ୍ତି । ବିକଳ୍ପ ରାସ୍ତା ନେଇ ଖୋଦ୍ ମୁଖ୍ୟମନ୍ତ୍ରୀ ଯେଉଁ ଜୋର ଦେଇଥିଲେ ତାହାର କାର୍ଯ୍ୟ କାରିବାକୁ ଜନସାଧାରଣ ଦାବି କରିଛନ୍ତି ।

# ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡରଙ୍କୁ ସମ୍ବର୍ଦ୍ଧନା



ଆସିଷ୍ଟାଣ୍ଟ କମାଣ୍ଡରଙ୍କ ସହ ଗ୍ରାମବାସୀମାନେ।

ପାତ୍ରପୁର,୨୬।୪(ଉମା ଚରଣ ନେପାକ)

ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ପାତ୍ରପୁର ବ୍ଲକର କେଶରୀପଡା ଗ୍ରାମରେ ରବିବାର ଖୁସିର ମାହଲ ଦେଖିବାକୁ ମିଳିଛି। ଗ୍ରାମର ରାୱାଡା ଭାଗ୍ୟଲକ୍ଷ୍ମୀ ଓ ରାୱାଡା ଯୋଗୁଲୁଙ୍କ ପୁଅ ରାୱାଡା ଗୋପାଳ କୃଷ୍ଣ ହରିଆଣା କେଦରପୁର ସିଆରପିଏଫ ଏକାଡେମୀ ଠାରେ ଆସିଷ୍ଟାଣ୍ଟ କମାଣ୍ଡର ଭାବେ ପ୍ରଶିକ୍ଷଣ ସଫଳତାର ସହ ସମାପ୍ତ କରି ଘରକୁ ଫେରିଥିବା ବେଳେ ଗ୍ରାମବାସୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଯୁବ ଅଧିକାରୀଙ୍କ ପ୍ରଥମ ଚେଷ୍ଟାରେ ଏହି ସଫଳତାରେ ସମଗ୍ର ସୀମାନ୍ତ ଅଞ୍ଚଳ ଗର୍ବିତ ହୋଇଉଠିଛି। ଯବାନ ଜଣଙ୍କ ଗ୍ରାମକୁ ପ୍ରବେଶ କରିବା ସମୟରେ ତାଙ୍କୁ ଗ୍ରାମବାସୀ ଓ ଯୁବଗୋଷ୍ଠୀ ପୁଷ୍ପମାଲ୍ୟ ପିନ୍ଧାଇଥିଲେ। ପରେ ଗ୍ରାମରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇ ସେଠାରେ ସ୍ଥାନୀୟ ନେତାମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଉପସ୍ଥିତ ବକ୍ତାମାନେ କହିଥିଲେ ଯେ, ସୀମାନ୍ତ କେଶରୀପଡା ଗ୍ରାମର ଏହି ଯୁବକ ଅନ୍ୟ ଯୁବପିଢି ପାଇଁ ପ୍ରେରଣାର ଉତ୍ସ ହୋଇଉଠିଛନ୍ତି। ତାଙ୍କର କଠିନ ପରିଶ୍ରମ, ନିଷ୍ଠା ଓ ଦୃଢ ସଂକଳ୍ପ ଦ୍ୱାରା ସେ ଏହି ସ୍ଥାନରେ ପହଞ୍ଚିପାରିଛନ୍ତି। ଆସିଷ୍ଟାଣ୍ଟ କମାଣ୍ଡର ରାୱାଡା ଗୋପାଳ କୃଷ୍ଣ ତାଙ୍କ କହିଥିଲେ, ଦେଶ ସେବା କରିବା ତାଙ୍କ ପାଇଁ ଗୌରବର ବିଷୟ ଓ ଆଗାମୀ ଦିନରେ ସେ ନିଷ୍ଠାର ସହ ତାଙ୍କ କର୍ତ୍ତବ୍ୟ ପାଳନ କରିବେ। ସେ ଏହି ସଫଳତାର ଶ୍ରେୟ ତାଙ୍କ ପରିବାର, ଶିକ୍ଷକ ଓ ଗ୍ରାମବାସୀଙ୍କୁ ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସରପଞ୍ଚ ଲୋକନାଥ, ଗୋପାଳଙ୍କ ସହିତ ଯୁବଗୋଷ୍ଠୀ ରାୱାଡା ପୁରୁଷୋତ୍ତମ, ମେଣ୍ଢା ଗୋବିନ୍ଦ, ରାୱାଡା ରବି, ମେଣ୍ଢା ଆନନ୍ଦ, ଚିନାଲା ଭେଙ୍କଟ ରମଣ, ନବୀନ ସମେତ ପରିବାର ବର୍ଗ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପାରିବାରିକ ହିଂସା, ୬ ଆହତ, ପୃଥକ୍ ମାମଲା ରୁଜୁ

ଦିଗପହଣ୍ଡି,୨୬।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ଜକର ଗ୍ରାମରେ ପାରିବାରିକ ହିଂସା କାରଣରୁ ୨ ପରିବାର ମଧ୍ୟରେ ଖଣ୍ଡଯୁଦ୍ଧ ଘଟିଛି। ଆକ୍ରମଣ ଓ ପ୍ରତି ଆକ୍ରମଣରେ ଉଭୟ ପରିବାରର ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଜକର ଗ୍ରାମର ନୂଆସାହିରେ ରହୁଥିବା ଟୁଟୁ ଗୌଡଙ୍କ ବଡ଼ପୁଅ ରବିନ୍ଦ୍ର ଗୌଡଙ୍କ ସହ ଗ୍ରାମର ତଳ ସାହି ବାସିନ୍ଦା ଘନ ଗୌଡଙ୍କ ଝିଅ ଲିଜା ଗୌଡଙ୍କ ବିବାହ ହୋଇଥିଲା। ଲିଜାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯ୍ୟାତନା ଦେବାରୁ ଗତ ପ୍ରାୟ ୪ ମାସ ହେଲା ସେ ବାପ ଘରେ ରହୁଛନ୍ତି। ଏନେଇ ଉଭୟ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଉଭୟ ପରିବାର ଟ୍ରାକ୍ଟର ରଖି ବାଲି, ପଥର ବ୍ୟବସାୟ କରୁଥିବା ବେଳେ ଗାଁ ନିକଟ ନଦୀରୁ ବାଲି ଚାଲାଣକୁ ନେଇ ପୂର୍ବରୁ ୨ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା।

ଗ୍ରାମବାସୀଙ୍କ ବୁଝାଶୁଝା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଶୁକ୍ରବାର ରାତିରେ ଘନ ଓ ତାଙ୍କ ପୁଅ କିରଣ ଗୌଡ ଏବଂ କିଛି ସହଯୋଗୀ ମାନେ ୨ଟି ବାଇକରେ ଆସି ଟୁଟୁଙ୍କ ୨ପୁଅ ରବିନ୍ଦ୍ର ଓ ସୁନୀଲଙ୍କୁ ଆକ୍ରମଣ କରିଥିଲେ। ରବିନ୍ଦ୍ରଙ୍କ ବଡବାପା ବାବୁ ଗୌଡ ଛଡ଼ାଇବାକୁ ଆସିବା ସମୟରେ ସେ ମଧ ଆକ୍ରମଣର ଶିକାର ହୋଇଥିଲେ। ଟୁଟୁ ଏବଂ ତାଙ୍କ ପରିବାର ଲୋକେ ଘନ ଓ ତାଙ୍କ ପୁଅ କିରଣଙ୍କୁ ଆକ୍ରମଣ କରିଥିବା ଜଣାପଡିଛି। ଏହି ଆକ୍ରମଣ ଓ ପ୍ରତି ଆକ୍ରମଣରେ ଟୁଟୁଙ୍କ ସମେତ ବଡ଼ଭାଇ ବାବୁ, ୨ପୁଅ ରବିନ୍ଦ୍ର ଓ ସୁନୀଲ ଏବଂ ଅନ୍ୟପକ୍ଷର ଘନ ଓ ତାଙ୍କ ପୁଅ କିରଣ ଆହତ ହୋଇଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ଉଭୟ ପରିବାର ପକ୍ଷରୁ କେ.ନୂଆଗାଁ ଥାନାରେ ଏତଲା ଦେବାପରେ ଏତଲାକୁ ଭିତ୍ତିକରି ଆଇଆଇସି ବିଶ୍ୱଜିତ ନାୟକ କେଶ୍ ନଂ. ୧୦୬/୨୬ ଏବଂ ୧୦୭/୨୬ ପ୍ରକାରେ ପୃଥକ୍ ମାମଲା ରୁଜୁ କରିଛନ୍ତି।

# ଗଳିତ ମୃତଦେହ ଜବତ

ଜେକେପୁର,୨୬।୪(ରାଜେଶ ବିଶ୍ୱାଳ)

ଚାନ୍ଦିଲି ଥାନା ଅଧୀନ କନ୍ଧ ଚମ୍ପିଆ ଗ୍ରାମ ନିକଟ ପର୍ବକା ପାହାଡ ନିକଟରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ଏଯାଏ କୌଣସି ପରିଚୟ ମିଳିନାହିଁ। ଶନିବାର ସ୍ଥାନୀୟ ଲୋକ ଯୁବକଙ୍କ ମୃତଦେହ ଦେଖି ଚାନ୍ଦିଲି ପୋଲିସକୁ ଖବର ଦେଇଥିଲେ। ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଛେଦ ପାଇଁ ପଠାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ରାୟଗଡା ସ୍ଥିତ ଶବ ସଂରକ୍ଷଣ କେନ୍ଦ୍ରରେ ମୃତଦେହ ରଖାଯାଇଛି ବୋଲି ଚାନ୍ଦିଲି ପୋଲିସ ସୂଚନା ଦେଇଛି। ମୃତ ଯୁବକଙ୍କ ସମ୍ପର୍କରେ କେଣସି ସୂଚନା ମିଳିଲେ ୯୪୩୮୯୧୬୮୭୪ରେ ଯୋଗାଯୋଗ କରିବା ପାଇଁ ପୋଲିସ ନିବେଦନ କରିଛି।

# ଅରୁଣାଚଳ ପ୍ରଦେଶରୁ ୨ ଦାଦନ ଶ୍ରମିକ ଉଦ୍ଧାର

ଗୁଣପୁର, ୨୬।୪(ସଂକେତ ପାତ୍ର)

ଦାଦନ ଶ୍ରମିକଭାବେ ଅରୁଣାଚଳ ପ୍ରଦେଶରେ କାମ କରୁଥିବା ୩ ଭାଇମାନଙ୍କ ମଧ୍ୟରୁ ୨ ଜଣଙ୍କୁ ରାୟଗଡା ଜିଲା ପୁଟାସିଂ ଥାନା ପୋଲିସ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ଶ୍ରମିକମାନେ ହେଲେ କୁଲୁସିଂ ପଞ୍ଚାୟତର ଖାଡାସି ଗ୍ରାମର ଜାମ୍ବୋ ଗମାଙ୍ଗଙ୍କ ମଝିଆ ପୁଅ ସୁନିଲ ଗମାଙ୍ଗ(୨୫) ଓ ୧୪ ବର୍ଷର ନାବାଳକ ସାନପୁଅ। ବଡ଼ପୁଅ ଲାମିତିଗମାଙ୍ଗ (୩୫) କିଛି ଦିନ ପରେ ଫେରିବେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।ଶନିବାର ରାତିରେ ସେମାନେ ଫେରିବା ପରେ ଥାନାଧିକାରୀ ବିଦ୍ୟୁଲତା ନାୟକଙ୍କ ନେତୃତ୍ୱରେ ସେମାଙ୍କୁ ଜାମ୍ବୋ ଗମାଙ୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ପ୍ରକାଶ ଯେ, ଜାମ୍ବୋ ଗମାଙ୍ଗ ସପରିବାର ସହ ଅରୁଣାଚଳ ପ୍ରଦେଶକୁ ଦାଦନ ଖଟିବାକୁ ଯାଇଥିଲେ। ଜାମ୍ବୋ ଓ ତାଙ୍କ ସ୍ତ୍ରୀ ୨୦୧୮ ରେ ଗାଁକୁ ଫେରିଆସିଥିଲେ। କିନ୍ତୁ ତାଙ୍କ ପିଲାମାନେ ଘରକୁ ଫେରିନଥିଲେ। ସେମାନେ ଏକ ବ୍ୟବସାୟୀଙ୍କ ଦୋକାନରେ କାମ କରୁଥିଲେ। ପ୍ରଥମେ ଫୋନ୍ ଯୋଗେ ଯୋଗାଯୋଗ କରୁଥିଲେ ମଧ ପରେ ତାହା ବନ୍ଦ ହୋଇଯାଇଥିଲା। ଏ ନେଇ ଜାମ୍ବୋ ପୁଟାସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହା ପରେ ପୁଟାସିଂ ପୋଲିସର ଏକ ଟିମ୍ ଅରୁଣାଚଳ ପ୍ରଦେଶ ଯାଇଥିଲେ। ସେଠାରୁ ୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଏସ୍‌ଆଇ ଅଶୋକ ନାୟକ, ସୁଦାମ ସାହୁ ସହ ଅନ୍ୟାନ୍ୟ ପୋଲିସ୍ କର୍ମଚାରୀ ସାମିଲ ଥିଲେ।

# ବୁରୁପୋଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଟ୍ରଫି ସହ ଚାମ୍ପିୟନ ଟିମ୍ ।

ହିଞ୍ଜିଳିକାଟୁ, ୨୬।୪(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ବ୍ଲକ ବୁରୁପୋଡା ଠାରେ ୫ ତାରିଖ ଠାରୁ ଆୟୋଜିତ ବୁରୁପୋଡ଼ା ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ବୁରୁପୋଡ଼ା ସୁପର କିଙ୍ଗସ୍ ଓ ବୁରୁପୋଡ଼ା ଟାଇଟନ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ଟାଇଟନ୍ ଦଳ ପ୍ରଥମେ ବ୍ୟାଟିଂ କରି ୧୩ ଓଭର ୩ ବଲରେ ସମସ୍ତ ୱିକେଟ ହରାଇ ୭୫ ରନ ସଂଗ୍ରହ କରିଥିଲା। ଜବାବରେ ବିପକ୍ଷ ସୁପର କିଙ୍ଗସ ଦଳ ୫ ଓଭର ୨ ବଲରେ ୫ ୱିକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ପକ୍ଷରୁ କାଳିଆ ସାହୁ ୨ ଓଭର ବୋଲିଂ କରି ୪ ରନ ବିନିମୟରେ ୪ଟି ୱିକେଟ ହାସଲ କରିଥିବାରୁ ତାଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ କିଶାନ କଂଗ୍ରେସ ଉପସଭାପତି ଶିବରାମ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଛାତ୍ର ବିଜେଡ଼ି ସଭାପତି ଅନିଲ ସ୍ୱାଇଁ, ବସନ୍ତ ସେଠୀ, କାଉନଶିଲର ଜଗନ୍ନାଥ ଗୌଡ଼, କଂଗ୍ରେସ ଯୁବନେତା ପ୍ରଦୀପ ମହାରଣା, ସଞ୍ଜୟ ସ୍ୱାଇଁ, ଜଗା ରାଉତ, ଜିତୁ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ ଭାବେ ସୁଦାମ ମଲ୍ଲିକ, ଶ୍ରେଷ୍ଠ ବୋଲର ଭାବେ ମହେନ୍ଦ୍ର ସାମଲ ଓ ଶ୍ରେଷ୍ଠ ସିକ୍ସର ଭାବେ ବସନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନେ ଉଭୟ ଚମ୍ପିୟାନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

# ଏଣିକି ସୋମବାର ପ୍ରତି ପଞ୍ଚାୟତରେ ଜନଶୁଣାଣି

ମାଲକାନଗିରି, ୨୬।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏବେ ପ୍ରତି ସୋମବାର ପ୍ରତି ପଞ୍ଚାୟତରେ ଜନ ଶୁଣାଣି କରାଯିବ। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଜିଲାପାଳ ଏବଂ ଏସ୍‌ପି ନିଜେ ନିର୍ଦ୍ଧାରିତ ପଞ୍ଚାୟତଗୁଡ଼ିକରେ ଉପସ୍ଥିତ ରହି ମିଳିତ ଅଭିଯୋଗ ଶୁଣାଣି କରିବେ। ସେହିପରି ସେହିଦିନ ଏକା ସମୟରେ ଅନ୍ୟ ପଞ୍ଚାୟତଗୁଡିକରେ ଯେଉଁଠାରେ ଜିଲାପାଳ ଓ ଏସପି ନ ଯାଇଛନ୍ତି ବିଡିଓମାନେ ଶୁଣାଣିର ନେତୃତ୍ୱ ନେବେ। ଜିଲା ସଦର ମହକୁମାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଜନସାଧାରଣ ନିଜର ଅଭିଯୋଗ ଜଣାଇ ପାରିବେ। ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ତହସିଲଦାର, ପୋଲିସ ବିଭାଗ ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଶିବିରରେ ଉପସ୍ଥିତ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଗମ ଅଞ୍ଚଳର ଲୋକମାନେ ଯେପରି ସହଜରେ ସରକାରୀ ସେବା ପାଇପାରିବେ, ସେଥିପାଇଁ ଏହାକୁ ଏକ ଜରୁରୀକାଳୀନ କାର୍ଯ୍ୟଭାର ଭାବେ ଗ୍ରହଣ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରୀବାସବୀ କାନ୍ୟକା ପରମେଶ୍ୱରୀଙ୍କ ଜନ୍ମୋତ୍ସବ

ରମ୍ଭା,୨୬।୪(ବନବାସୀ ସେଠୀ)

ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ରବିବାର କଳିଙ୍ଗ ବୈଶ୍ୟ ସଂଘ ଖଲ୍ଲିକୋଟ ଅଞ୍ଚଳର ଶ୍ରୀବାସବୀ କନ୍ୟକା ପରମେଶ୍ୱରୀଙ୍କ ଜନ୍ମୋତ୍ସବ ରମ୍ଭାପେଣ୍ଠ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ପଣ୍ଡିତ ନୃସିଂହ ଚରଣ ପଣ୍ଡା ସହଯୋଗୀ ଜଗନ୍ନାଥ ପଣ୍ଡା ପୂଜା ହୋମ କାର୍ଯ୍ୟ କରିଥିଲା। ସହର କେବଳ ଧର୍ମ ଓ ସଂସ୍କୃତିର ପେଣ୍ଠସ୍ଥଳୀ ନୁହେଁ ରମ୍ଭା ଯେ ଶାନ୍ତି ଓ ଭାଇ ଚାରାର ସହର ତାହା ବାସବୀ କନ୍ୟକା ପରମେଶ୍ୱରୀଙ୍କ ଜନ୍ମୋତ୍ସବରୁ ଜଣାପଡ଼ିଛି। ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସମସ୍ତେ କିଭଳି ଏକାଠି ହୋଇପାରନ୍ତି ତାହା ଉକ୍ତ କାର୍ଯ୍ୟକ୍ରମରୁ ଦେଖିବାକୁ ମିଳିଛି। ମା'ଙ୍କ ଜନ୍ମୋତ୍ସବ ଆୟୋଜନରେ



ଖଲ୍ଲିକୋଟ ଅଞ୍ଚଳର ୧୨ଟି ପେଣ୍ଠର ଅନେକ ସଭ୍ୟାସଭ୍ୟ ସାମିଲ ହେବା ସହ ପ୍ରସାଦ ସେବନ କରିଥିଲେ।

# ଗୋପାଳପୁର ଭାୟା ଦିଗପହଣ୍ଡି-ରାୟଗଡ଼ା ନୂତନ ରେଲଲାଇନ୍ ଦାବି

ଦିଗପହଣ୍ଡି,୨୬।୪(ଅଶେଷ ନାଥ ମିଶ୍ର)

ଗୋପାଳପୁର-ରାୟଗଡ଼ା ନୂତନ ରେଳପଥ ପ୍ରକଳ୍ପ ନିମନ୍ତେ ନକ୍ସା ପ୍ରସ୍ତୁତି ଚାଲିଛି। ତୃତୀୟ ପାଳି ପାଇଁ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ଆସିବା ପରେ ଗଞ୍ଜାମ ଜିଲା ଚିକିଟି ନିକଟ ବାହୁଦାନଦୀ ମୁହାଣରେ ପ୍ରସ୍ତାବିତ ବୃହତ ବନ୍ଦର ନିର୍ମାଣ ନିମନ୍ତେ ରାଜ୍ୟସରକାରଙ୍କ ମଞ୍ଜୁରୀ ମିଳିଛି। ବାହୁଦା ବନ୍ଦର ସହ ଗୋପାଳପୁର ବନ୍ଦର ଏବଂ ଦକ୍ଷିଣ ଓଡ଼ିଶା, ଛତିଶଗଡ଼, ତେଲେଙ୍ଗାନାର ଖଣିଜ ସମୃଦ୍ଧ ଅଞ୍ଚଳରେ ନୂତନ ରେଳ ଲାଇନ ନିର୍ମାଣ କରାଯିବା ପାଇଁ ଦକ୍ଷିଣ ଓଡ଼ିଶା ବିକାଶ ସମିତି ପକ୍ଷରୁ ଦାବି କରାଯାଇଛି। ଗତ ୨୦୧୦ ରେ ଏହି ଆଲାଇନମେଣ୍ଟରେ ସର୍ଭେ କରାଯାଇ ଗୋପାଳପୁର ଠାରୁ ରାୟଗଡ଼ାର ଦୂରତା ୨୦୭ କିମି ଆକଳନ କରାଯାଇଥିଲା। ଏବେ ପୁଣି ଏହାକୁ ଦାୟିତ୍ୱରେ ଥିବା କେତେକ ଆନ୍ଧ୍ର ଅଧିକାରୀ ଓଡ଼ିଶା ପ୍ରତି ଅସହିଷ୍ଣୁ ମନୋଭାବ ପ୍ରଦର୍ଶନ ପୂର୍ବକ ଏହି ପ୍ରସ୍ତାବିତ ରେଳ ଲାଇନର ଗତି ପଥକୁ ବଙ୍କା କରି ୨୬୦ କିମି କରି ଦୂରତା ବଢ଼ାଇବା ଦ୍ୱାରା ରାୟଗଡ଼ା ସିଙ୍ଗାପୁରରୁ ମାଲବାହୀ ଟ୍ରେନ ଗୋପାଳପୁର ବନ୍ଦର ପରିବର୍ତ୍ତେ ବିଶାଖାପାଟଣା ଯିବ। ଫଳରେ ଗଞ୍ଜାମ, ମୋହନା, ପଦ୍ମପୁର ଓ ଗୁଡ଼ାରି ଅଞ୍ଚଳରେ ନିଯୁକ୍ତିର ସମ୍ଭାବନା କମିଯିବ। ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଆଲାଇନମେଣ୍ଟକୁ କାର୍ଯ୍ୟକାରୀ କରି ଗୁଣପୁରରୁ ପଦ୍ମପୁରକୁ ମାତ୍ର ୨୦ କିମି ସଂଯୋଗ କରିଦେଲେ ଗୁଣପୁରରୁ ଥେରୁବାଲି ଯାଏ ଏହା ଆପେ ସଂଯୋଗ ହୋଇଯିବ। ଗୁଣପୁରରୁ ରାମନାଗୁଡା ଦେଇ ଥେରୁବାଲି ୭୮ କିମିର ଆବ୍ୟଶକ ପଡିବ ନାହିଁ। ରାଜ୍ୟ ସରକାର ଓ ରେଳବାଇ କର୍ତ୍ତୃପକ୍ଷ ପ୍ରସ୍ତାବିତ ବାହୁଦା ବନ୍ଦରର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ରେଳ ଲାଇନ ଆଲାଇନମେଣ୍ଟର ପୁନଃ ସର୍ଭେ ଓ ସମୀକ୍ଷା କରାଯିବାର ଆବଶ୍ୟକତା ରହିଛି। ଗଜପତି ଜିଲା ଚାନ୍ଦିପୁଟ ନିକଟରେ ଆବଶ୍ୟକ ସୁଡ଼ଙ୍ଗକୁ ଏଡାଇବା ପାଇଁ ରେଳ ଲାଇନକୁ ଚାନ୍ଦିପୁଟ ନିକଟସ୍ଥ ପାର୍ବତ୍ୟ ଉପତ୍ୟକା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ସହ ଦିଗପହଣ୍ଡି ସହରକୁ ସଂଯୋଗ କରାଯାଇପାରିବ। ବ୍ରହ୍ମପୁର ରେଳ ଷ୍ଟେଶନକୁ ବାଇପାସ କରି ଏହି ରେଳ ଲାଇନ ସିଧାସଳଖ ଚିକିଟି ନିକଟସ୍ଥ ପ୍ରସ୍ତାବିତ ବାହୁଦା ବନ୍ଦରକୁ ସଂଯୋଗ ହୋଇପାରିବ। ବ୍ରହ୍ମପୁର ରିଙ୍ଗ ରୋଡ ଦେଇ ଲାଞ୍ଜିଆରୁ ହଳଦିଆପଦର ନିକଟରେ ଚେନ୍ନାଇ-ହାୱଡ଼ା ମୁଖ୍ୟ ରେଳ ଲାଇନରେ ମିଶିବା ପାଇଁ ଏକ ବ୍ୟବହାର୍ଯ୍ୟ ରୁଟ ରହିଛି। ଏହି ନୂତନ ରେଳ ଲାଇନ ଦ୍ୱାରା ଏହି ସବୁ ଅଞ୍ଚଳର ଅର୍ଥନୈତିକ ବିକାଶ ସାଙ୍ଗକୁ ବ୍ୟବସାୟୀକ ସଫଳତା ବୃଦ୍ଧି ପାଇବ। ତେଣୁ ପୂର୍ବତଟ ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଲାଇନମେଣ୍ଟର ପୁନଃ ସର୍ଭେ ପରୀକ୍ଷଣ କରାଯିବା ପାଇଁ ଦକ୍ଷିଣ ଓଡ଼ିଶା ବିକାଶ ସମିତିର ସଭାପତି ତଥା ପୂର୍ବତନ କେନ୍ଦ୍ରୀୟ ପ୍ରଶାସନିକ ଅଧିକାରୀ ଡ଼. ବାଳକୃଷ୍ଣ ପଣ୍ଡା ଏବଂ ଦିଗପହଣ୍ଡି ଅଞ୍ଚଳବାସୀଙ୍କ ସମେତ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଜନସାଧାରଣ ପୂର୍ବତଟ ରେଲୱେ ମୁଖ୍ୟ ପ୍ରବନ୍ଧକଙ୍କୁ ଦସ୍ତଖତ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ଏକଲବ୍ୟ ବିଦ୍ୟାଳୟ ନିର୍ମାଣରେ ବିଳମ୍ବ

ଜି.ଉଦୟଗିରି, ୨୬।୪(ଚିନ୍ମୟ କୁମାର ସେଠି)

କେନ୍ଦ୍ର ସରକାରଙ୍କ ତରଫରୁ ସ୍ଥାନୀୟ ଅଞ୍ଚଳରେ ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବହୁ ବର୍ଷ ହେଲା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ। ବିଭାଗିୟ ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁ ବିଦ୍ୟାଳୟ ନିର୍ମାଣ ବିଳମ୍ବ ହେଉଥିବା ହେତୁ ଜନ ଅସନ୍ତୋଷ ଦେଖିବାକୁ ମିଳିଛି। ଜି.ଉଦୟଗିରି କଳିଙ୍ଗା ରାଜ୍ୟ ରାଜପଥ କଡ଼ ମାଲାନସୁଗା ନିକଟରେ ଜମି ଚିହ୍ନଟ ପରେ ରାଜସ୍ୱ ବିଭାଗ ପକ୍ଷରୁ ଆବଶ୍ୟକ ଜମି ବିଭାଗକୁ ଦିଆଯାଇଥିଲା। କେନ୍ଦ୍ର ସରକାର ବିଦ୍ୟାଳୟ କୋଠା ନିର୍ମାଣ ପାଇଁ ୪୨ କୋଟି ଟଙ୍କା ଅର୍ଥ ମଞ୍ଜୁର କରି (ସିପିଡବ୍ଲ୍ୟୁଡି) କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗକୁ କାର୍ଯ୍ୟାଦେଶ ଦେବା ପରେ ସିପିଡବ୍ଲ୍ୟୁଡି ଟେଣ୍ଡର ଆହ୍ୱାନ କଲେ ଟେଣ୍ଡର ସରିଲା ଜଣେ ବାହାର ଜିଲାର ଠିକାଦାର କାର୍ଯ୍ୟାଦେଶ ପାଇ



ଆଦର୍ଶବିଦ୍ୟାଳୟ ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ଜମି।

ଚୁକ୍ତି କଲେ। ନିର୍ମାଣ କାର୍ଯ୍ୟ ଆରମ୍ଭ ୩ ମେ' ୨୦୨୫ ଏବଂ କାର୍ଯ୍ୟ ସମାପ୍ତ ୨ ନଭେମ୍ବର ୨୦୨୬ ରହିଥିବା ବେଳେ ଏପର୍ଯ୍ୟନ୍ତ କିଛି କାମ ହୋଇନାହିଁ। ବିଦ୍ୟାଳୟ ନିର୍ମାଣ ପାଇଁ ମିଳିଥିବା ଜମିରୁ ପ୍ରାୟ ୭୦ ପ୍ରତିଶତ ଜମିରେ ବିଭିନ୍ନ କିଶମ ଗଛ ରହିଛି। ଯାହାକୁ ନେଇ ବିଭିନ୍ନ ମହଲରୁ ଅଭିଯୋଗ ହେବା ପରେ ଜଙ୍ଗଲ ବିଭାଗ ଅନୁମତି ପତ୍ର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। କିଛି ମାସ ପରେ ଜଙ୍ଗଲ ବିଭାଗ ଅନୁମତି ଦେଇଥିଲେ ଏବଂ ଠିକାଦାର ଜମିର ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନି। ଠିକାଦାରଙ୍କ ଚୁକ୍ତି ଅନୁସାରେ କାର୍ଯ୍ୟ ସମାପ୍ତ ଅବଧି ସରିବାକୁ ଆଉ ମାତ୍ର ୬ମାସ ରହିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ସିପିଡବ୍ଲ୍ୟୁଡି କେଉଁଠି ବିଦ୍ୟାଳୟ, ହଷ୍ଟେଲ, କର୍ମଚାରୀଙ୍କ ପାଇଁ ବାସଗୃହ ନିର୍ମାଣ ହେବ ତାର ଲେଆଉଟ ଦେଇନାହାନ୍ତି। ନକ୍ସା ପ୍ରସ୍ତୁତ ହୋଇ ଠିକାଦାରଙ୍କ ପାଖରେ ଅଛି ହେଲେ କେଉଁଠି କେଉଁ କାର୍ଯ୍ୟ ହେବ ତା'ର ଲେଆଉଟ ବିଭାଗୀୟ ଅଧିକାରୀ ଦେଖେଇବା କଥା। କିନ୍ତୁ ବିଭାଗୀୟ ଅଧିକାରୀ ମାନେ କାହିଁକି ଏହି କାର୍ଯ୍ୟ କରିବା ନିମନ୍ତେ ଲେଆଉଟ ଦେଉ ନାହାନ୍ତି ତାକୁ ନେଇ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି। ଏପଟେ ଆଉ କିଛି ମାସ ପରେ ଚୁକ୍ତି ସରିବ। ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିଦ୍ୟାଳୟ କୋଠା ନିର୍ମାଣ ନିମନ୍ତେ ଯଥା ଶୀଘ୍ର ଲେଆଉଟ ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ବିଭାଗିୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ବି ତାହା ସମ୍ଭବ ହୋଇନାହିଁ।

# କମୁନି ବିଡ଼ି ଶ୍ରମିକଙ୍କ ସମସ୍ୟା

- ରାସାୟନିକ ଗ୍ୟାସ୍ ପ୍ରଭାବ ରୋଗକୁ ନାହିଁ ଔଷଧ
- ସ୍ୱତନ୍ତ୍ର ଚିକିତ୍ସାଳୟ ସ୍ଥାପନ ପାଇଁ ଉଠିଲା ଦାବି

କେନ୍ଦ୍ରାପଡା, ୨୬।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲାର ଅଣସଙ୍ଗଠିତ ହୋଇ ରହିଥିବା ୧୦ହଜାରରୁ ଊର୍ଦ୍ଧ୍ୱ ବିଡି ଶ୍ରମିକଙ୍କ ଦୁଃଖ ବୁଝିବାକୁ କେହିନାହାନ୍ତି । ଜିଲାର ପ୍ରାୟ ୧୦ ହଜାର ଲୋକ ଏହି ବୃତ୍ତିରେ ଥିବା ବେଳେ ଅନ୍ୟୁନ ୮ ହଜାର ମହିଳା ଓ ଶିଶୁ ପେଟ ପୋଷିବା ପାଇଁ ବିଡିମୋଡା ବୃତ୍ତିକୁ ଆପଣାଇଛନ୍ତି। ହେଲେ ବିଡିରେ ବ୍ୟବହୃତ ରାସାୟନିକ ଦ୍ରବ୍ୟର ପ୍ରଭାବ ଦ୍ୱାରା କ୍ରମାଗତ କାଶ, ଯକ୍ଷ୍ମା, ଜ୍ୱର, ଶ୍ୱାସ ଆଦି ସମସ୍ୟା ଦେଖାଯାଉଥିଲେ ମଧ୍ୟ ଶ୍ରମିକଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରୁନାହିଁ। ସେହିପରି ଅସଙ୍ଗଠିତ ହୋଇଥିବାରୁ ଶ୍ରମିକଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ସରକାରୀ ଯୋଜନା ସେମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ବିଡି ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି । ଏ ସମ୍ପର୍କରେ ଶ୍ରମିକ ନେତା ଜଗଜ୍ଜୀବନ ଦାସ କହିଛନ୍ତି, ଜିଲାର ଅର୍ଥନୀତିକୁ ବିକଶିତ କରିବା ପରି କୌଣସି ଉତ୍ସ ନାହିଁ। ପ୍ରାୟ ୫୧ପ୍ରତିଶତ ପରିବାରର ପୁରୁଷ କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯାଇଥାନ୍ତି । ଏହାସତ୍ତ୍ୱେ ଘରେ ଥିବା ପରିବାର ସଦସ୍ୟ ପେଟ ଚିନ୍ତାରେ ଅଛନ୍ତି । ଏଥିପାଇଁ ବିଡି ମୋଡିବା ଏକ ବୃତ୍ତି ହୋଇଛି । ଏହି ବୃତ୍ତିରେ ୮ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ କାର୍ଯ୍ୟ କରୁଛନ୍ତି । ବିଡି ଶ୍ରମିକ ଅସଂଗଠିତ ହୋଇ ରହିଥିବାରୁ ସରକାରୀ ଯୋଜନା ତାଙ୍କ ନିକଟରେ ପହଞ୍ଚି ପାରୁନାହିଁ।

ଗରଦପୁର ବ୍ଲକ ଅଡ଼ଙ୍ଗ ଗ୍ରାମର ଶ୍ରୀମତୀ ପାତ୍ର କହିଛନ୍ତି, ତାଙ୍କ ପରିବାର ଆର୍ଥିକ ଦୃଷ୍ଟିରୁ ଅନଗ୍ରସର । ଏହି ଜିଲାରେ ଶିଳ୍ପ ଅଥବା ପରିବାରର ଭରଣପୋଷଣ ମୁତାବକ କର୍ମନିଯୁକ୍ତି ନାହିଁ। ଏଥିପାଇଁ ଏକମାତ୍ର ରୋଜଗାରକ୍ଷମ ସ୍ୱାମୀ ସୁରଟରେ ସୂତାକଳରେ କାମ କରୁଛନ୍ତି। ତଥାପି ନିଅଣ୍ଟ ଯୋଗୁ ମହାଜନ ନିକଟରୁ ବିଡି ପତ୍ର ଆଣି ପରିବାର ସଦସ୍ୟ ବିଡି ପ୍ରସ୍ତୁତ କରୁଛନ୍ତି । ଦୈନିକ ୧୦୦୦ ବିଡି ମୋଡିଲେ ମାତ୍ର ୮୦ ଟଙ୍କା ମିଳୁଛି। ଏଥିପାଇଁ ନିଜ ସହିତ ଝିଅକୁ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ କରିଛନ୍ତି। କେନ୍ଦ୍ରାପଡା ବ୍ଲକ ଦୋବନ୍ଧା ଗ୍ରାମର ସଜେଦା ଖାତୁନ କୁହନ୍ତି, ବିଡି ନ ମୋଡିଲେ ଆମ ପରିବାରର ଖାଇବା ବନ୍ଦ । ପ୍ରାୟ ୧୦ ବର୍ଷ ଧରି ଏହି କାର୍ଯ୍ୟ କରୁଛନ୍ତି । ଏଥିପାଇଁ ପରିବାର ସଦସ୍ୟ ଯକ୍ଷ୍ମା, ଶ୍ୱାସ ଆଦି ବିଭିନ୍ନ ରୋଗରେ ପଡିଛନ୍ତି । ରୋଗର ଚିକିତ୍ସା ପାଇଁ ଆମକୁ ପ୍ରାୟ ୨୦ କିଲୋମିଟର ଦୂର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି। ବିଡି ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ନ ଥିବାରୁ ଔଷଧ ପାଇବାରେ ଅବହେଳା ହେଉଛି। କମ୍ ରୋଜଗାରକୁ ଚିକିତ୍ସା ଖର୍ଚ୍ଚ ପରିବାରକୁ ବ୍ୟତିବ୍ୟସ୍ତ କରୁଛି। ଏ ସମ୍ପର୍କରେ ଶ୍ରମିକ ନେତା ଗୟାଧର ଧଳ କହିଛନ୍ତି, ବିଡି ଶ୍ରମିକମାନେ ସାଧାରଣରେ ଅସଂଗଠିତ ହୋଇ ରହିଛନ୍ତି। ସେମାନଙ୍କ ଦୁଃଖଦୁର୍ଦ୍ଦଶା ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତାଙ୍କ ଦୃଷ୍ଟିକୁ ଆସୁନାହିଁ। ବିଡି ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ସହିତ ଶ୍ରମ ମଜୁରିକୁ ଅଧିକ କରିବା ପାଇଁ ସେ ଦାବି ଉଠାଇଛନ୍ତି। ଏଡିଏମ୍ ରବୀନ୍ଦ୍ର ମଲ୍ଲିକ କହିଛନ୍ତି, ଶ୍ରମିକଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଯୋଜନା କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣଠାରୁ ଆରମ୍ଭ କରି ବିବାହ ଖର୍ଚ୍ଚରେ ସହଯୋଗ ଦିଆଯାଉଛି । ଏହି ଶ୍ରେଣୀର ଶ୍ରମିକ ଜିଲା କାର୍ଯ୍ୟାଳୟକୁ ଆସି ପଞ୍ଜୀକରଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି ।



# ମହାନଦୀରେ ବୁଡ଼ି ମତ୍ସ୍ୟଜୀବୀ ମୃତ



ପାରାଦୀପ/କୁଜଙ୍ଗ, ୨୬।୪ (ଶରତ ରାଉ/ମନୋଜ ପ୍ରଧାନ)

ପାରାଦୀପ ଲକ୍ଥାନା ଅନ୍ତର୍ଗତ ଚଉମୁହାଣି ନିକଟ ମହାନଦୀରେ ମାଛ ଧରିବାକୁ ଯାଇ ମତ୍ସ୍ୟଜୀବୀ ବୁଡ଼ିଯାଇଥିବା ଜଣାପଡ଼ିଛି। ସେ ହେଲେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପ ଗଡ ଗ୍ରାମର ମହେନ୍ଦ୍ର ସେଠୀ(୬୧)। ମହେନ୍ଦ୍ର ଓ ତାଙ୍କର ଅନ୍ୟଜଣେ ସହଯୋଗୀ ରାଜେଶ ତରାଇ ସବୁଦିନ ପରି ଶନିବାର ରାତି ୩ଟାବେଳେ ଚଉମୁହାଣୀ ନିକଟ ମହାନଦୀକୁ ମାଛ ଧରିବାକୁ ଯାଇଥିଲେ। ସେମାନେ ନଦୀରେ ପଶି ଜାଲ ପକାଇ ମାଛ ଧରୁଥିବାବେଳେ ହଠାତ ଗଭୀର ଜଳ ମଧ୍ୟରେ ମହେନ୍ଦ୍ର ପଡି ଯାଇଥିଲେ। ରାଜେଶ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଫଳରେ ସେ ଘରକୁ ଏ ବିଷୟରେ ଜଣାଇଥିଲେ। ଅପରପକ୍ଷେ ସକାଳୁ ମହେନ୍ଦ୍ରଙ୍କୁ କୁମ୍ଭୀର ନେଇ ଯାଇଛି ବୋଲି ଚର୍ଚ୍ଚା ହୋଇଥିଲା। ଖବରପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର କର୍ମଚାରୀ ସେଠାରେ ଖୋଜାଖୋଜି କରି ସକାଳୁ ମହେନ୍ଦ୍ରଙ୍କ ମୃତଦେହ ଠାବ କରିଥିଲେ। ଏହାପରେ ମହେନ୍ଦ୍ର ପାଣିରେ ବୁଡ଼ିଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ପୋଲିସ ଉପସ୍ଥିତିରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୱାର୍ଡ ସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ କଲେ କର୍ମୀ

କୁଜଙ୍ଗ, ୨୬।୪(ମନୋଜ ପ୍ରଧାନ)

**କୁଜଙ୍ଗ ଭାଜପାରେ ଗୋଷ୍ଠୀ କନ୍ଦଳ ତୀବ୍ର**

କୁଜଙ୍ଗ ଭାଜପାରେ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। ଭାଜପା ସମର୍ଥିତ ୱାର୍ଡ ସଭ୍ୟ ତଥା କୁଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଳରାମପୁର ଗ୍ରାମର ଲିଙ୍ଗରାଜ ମହାରଣାଙ୍କୁ ଉକ୍ତ ଦଳର ଅନ୍ୟ ଏକ ଗୋଷ୍ଠୀ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୧୧୪/୨୬) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଭାଜପାର ଜଣେ ନେତା ଓ ତାଙ୍କ ପାଖ କର୍ମୀଙ୍କ କାର୍ଯ୍ୟକଳାପକୁ ନେଇ ଲିଙ୍ଗରାଜ ଅସନ୍ତୋଷବ୍ୟକ୍ତ କରିବା ସହ ସାମାଜିକ ଗଣ ମାଧ୍ୟମରେ ପରୋକ୍ଷ ଭାବେ ସମାଲୋଚନାମୂଳକ ମନ୍ତବ୍ୟ ଦେଉଥିଲେ। ଏନେଇ ସମ୍ପୃକ୍ତ ନେତା ଓ ତାଙ୍କ କର୍ମୀମାନେ ପାଇଁ ଅସହ୍ୟ ହୋଇ ପଡ଼ିଥିଲେ। ଶୁକ୍ରବାର ପଙ୍କପାଳ ମଣ୍ଡଳ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଚନ୍ଦ୍ରକାନ୍ତି ପଲେଇଙ୍କ ଜଗନ୍ନାଥପୁର ସ୍ଥିତ ବାସଭବନକୁ ସଙ୍ଗଠନର କେତେକ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଯାଇଥିବା ସମୟରେ ସମ୍ପୃକ୍ତ ନେତାଙ୍କ ପାଖଲୋକ ଭାବେ ଜଣାଶୁଣା କୁଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁରର ରାଜେନ୍ଦ୍ର ନାରାୟଣ ଦାସ, ଦୁଷ୍ମନ୍ତ ନାଥ, ଗୋପାଳ ଓ ବାଲିଆର ସୋନୁ ଓ ଅନ୍ୟ ଦୁଇ ଜଣ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏହି ସମୟରେ ଲିଙ୍ଗରାଜ ଭୟଭୀତ ହୋଇ ସ୍କୁଟିରେ ଉକ୍ତ ସ୍ଥାନ ଛାଡ଼ି ପଳାଇ ଆସୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ପଛରୁ ମାଡ଼ି ବସି ଛୁରିରେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି

ହତ୍ୟା ଉଦ୍ୟମ ଓ ମାରଣାସ୍ତ୍ରରେ ଆକ୍ରମଣ ଭଳି ୮ଟି ଦଫାରେ ପୋଲିସ ମାମଲା ରୁଜୁ କରିଛି। ଏସମ୍ପର୍କରେ କୁଜଙ୍ଗ ଥାନା ଅଧିକାରୀ ଶିବାଶିଷ ଦାସଙ୍କୁ ପଚାରିବାରେ ମାମଲା ପଞ୍ଜୀକୃତ ହୋଇ ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନେ ଏବେ ଫେରାର ଅଛନ୍ତି। ତୁରନ୍ତ ସେମାନଙ୍କୁ ଗିରଫ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ମହିମା ଅବଧୂତଙ୍କ ପକ୍ଷରୁ ସୂର୍ଯ୍ୟ ଆଳତି କରାଯାଉଛି।

# ମହିମା ଧର୍ମାବଲମ୍ବୀଙ୍କ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ବାଲ୍ୟଲୀଳା

ରଘୁନାଥପୁର, ୨୬।୪(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ କୁଆମଙ୍ଗା (ବିରାଟକଟକ)ରେ ମହିମାଧର୍ମୀ ସିଦ୍ଧ ସାଧୁ ବନମାଳୀ ବାବାଙ୍କ ସମାଧି ପୀଠ ସାନତୁଙ୍ଗୀରେ ପ୍ରତିବର୍ଷ ଭଳି ଚଳିତ ମାସ ବୈଶାଖ ଦଶମୀ ତିଥି ରବିବାର ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ମହିମା ବାଲ୍ୟଲୀଳା ଅନୁଷ୍ଠିତ ହୋଇଯାଇଛି। ଅବଧୂତ ବେଣୁଧର ବାବା, ନିଗମ ବାବା, ପବିତ୍ର ବାବା, ସାଧୁ ହରମୋନ ଦାସ, ଅନନ୍ତ ଦାସ, ସର୍ବେଶ୍ୱର ଦାସ, ଅଲେଖ ବୈରାଗୀ ଦାସଙ୍କ ପରିଚାଳନାରେ ପ୍ରାତଃ ମୁହୂର୍ତ୍ତରେ ଅଖଣ୍ଡ ଘୃତାବତି ପ୍ରଜ୍ୱଳନ, ବ୍ରହ୍ମଧ୍ୱନି ସ୍ଥାପନ, ଘୃତାହୁତି, ପ୍ରାର୍ଥନା, ନାମଭଜନ ଓ ଅପରାହ୍ନରେ ସାଧୁସେବା କାର୍ଯ୍ୟକ୍ରମ କରାଯାଇଥିଲା। ସୋମବାର ଭୋରୁ ପୂର୍ଣ୍ଣାହୁତି ଓ ମହିମା ବାଲ୍ୟଲୀଳା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତ ଯୋଗଦେଇ ସାଧୁମାନଙ୍କ ଆଶୀର୍ବାଦ ଭିକ୍ଷା କରି ସାନିଧ ଲାଭ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଯୁବରାଜ



@ ଅଂଶୁମାନ



@ ପିଙ୍କୁ



@ ପ୍ରମୋଦ



@ ଦେବରାଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭଙ୍ଗାଘରେ ବିତୁଛି ଜୀବନ

**ଆବାସ ଯୋଜନାରେ ସାମିଲ ହୋଇପାରିନାହାନ୍ତି ପଦ୍ମଲୋଚନ ଦମ୍ପତି**

ରାଜକନିକା, ୨୬।୪ (ସଞ୍ଜୟ କୁମାର ଦାଶ):

ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କୁ ପକ୍କାଘର ଯୋଗାଇ ଦେବାକୁ ସରକାର ଆବାସ ଯୋଜନା କରିଛନ୍ତି। ହେଲେ କେନ୍ଦ୍ରାପଡା ଜିଲା ରାଜକନିକା ପଞ୍ଚାୟତ ସମିତି ନମତରା ପଞ୍ଚାୟତ ଅନ୍ତର୍ଗତ ସଦର ଗାଁ ନମତରାର ପଦ୍ମଲୋଚନ ଜେନାଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟିଛି। ଏହି ଯୋଜନାରେ ସାମିଲ ପାଇଁ ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ। ଏକ ଭଙ୍ଗାଦଦରା ଚାଳଛପର କଚ୍ଚାଘରେ ସେ ସ୍ତ୍ରୀ ମମତାରାଣୀଙ୍କ ସହ କଷ୍ଟପ୍ରଦ ଜୀବନ ବିତାଉଛନ୍ତି। ଘର ପାଇଁ ପଞ୍ଚାୟତ ଅଫିସ୍‌ରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଜଣାଇଥିଲେ ବି ତାଙ୍କୁ ଏହି ଯୋଜନାରେ ସାମିଲ କରାଯାଇନାହିଁ ବୋଲି କ୍ଷୋଭର ସହ କହିଛନ୍ତି ପଦ୍ମଲୋଚନ।

ନମତରା ଗାଁର ପଦ୍ମଲୋଚନ(୭୦)ଙ୍କ ପରିବାର କହିଲେ ସେ ଓ ତାଙ୍କ ସ୍ତ୍ରୀ ମମତାରାଣୀ(୬୦)। ଜମିବାଡି କିଛି ନାହିଁ। ଘର ଯେତିକି ସେତିକି ହିଁ ସମ୍ବଳ। ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୧୦କେଜି ଚାଉଳ ମିଳୁଛି। ଦିନମଜୁରି କରି ଜୀବିକା ନିର୍ବାହ କରୁଥିଲେ। ବୟସ ବଢିବା ସହ ଆଉ ପୂର୍ବଭଳି କାମଧନ୍ଦା କରିପାରୁ ନାହାନ୍ତି। ଏପରିସ୍ଥିରେ ଘର କରିବା ଦୂରେ ଥାଉ, ଅର୍ଥାଭାବରୁ ଛପର କରିପାରୁ ନାହାନ୍ତି। ବର୍ଷାଦିନରେ କଚ୍ଚାଘରେ ପାଣିଗଳେ। ପାଲ ଟାଣି ସେମାନେ ରହୁଛନ୍ତି। ପାଣିଗଳି ମାଟିକାନ୍ଥ ବି ଭାଙ୍ଗିବାକୁ ବସିଲାଣି। ପଦ୍ମଲୋଚନଙ୍କ କହିବା ଅନୁସାରେ ଅନେକଥର ଘର ପାଇଁ ଆବେଦନ କରିବା ସହ ସରକାରୀ ବାବୁମାନଙ୍କୁ କହିଛି। ଅଧିକାରୀମାନେ ଆସି ତାଙ୍କ ଘର ଦେଖିଯାଇଛନ୍ତି। ହେଲେ ତାଙ୍କ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏ ସମ୍ପର୍କରେ ନମତରା ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିରୋଦ ସ୍ୱାଇଁଙ୍କୁ ପଚାରିବାରୁ ପଦ୍ମଲୋଚନଙ୍କର ଘର ପାଇଁ ସର୍ଭେ ସରିଛି। ସେ ଆବାସ ଯୋଜନା ପାଇବାକୁ ଯୋଗ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ଅଛନ୍ତି। ସରକାରୀସ୍ତରରେ ଘର ଆସିଲେ ତାଙ୍କୁ ଆବଣ୍ଟନ ହେବ।



ପାଲଟଣା ଭଙ୍ଗାଘର ସମ୍ମୁଖରେ ସ୍ତ୍ରୀଙ୍କ ସହ ପଦ୍ମଲୋଚନ ଜେନା।

# ଗୋକର୍ଣ୍ଣିକା ଅନେକ ସାହିତ୍ୟିକ ସୃଷ୍ଟି କରିଛି

**ଗୋକର୍ଣ୍ଣିକା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ, ସାରସ୍ୱତ ସମ୍ବର୍ଦ୍ଧନା ପର୍ବ**

ଧର୍ମଶାଳା, ୨୬।୪(ବଟକୃଷ୍ଣ ପରିଡ଼ା):

ଓଡ଼ିଶାର ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ, ଗୋକର୍ଣ୍ଣିକା ପତ୍ରିକା, ପୁସ୍ତକ, ପୁରସ୍କାର ପ୍ରଦାନ ଓ ସାରସ୍ୱତ ସମ୍ବର୍ଦ୍ଧନା ପର୍ବ ରବିବାର ପୂର୍ବାହ୍ନରେ ଧର୍ମଶାଳା ଷ୍ଟାଡିୟମ୍ ପରିସରରେ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ଅଧକ୍ଷତାରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କଥାକାର ଡ. ଗୌରହରୀ ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ, ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନେକ ସାହିତ୍ୟିକ ସୃଷ୍ଟି କରିବା ସହ ସେମାନଙ୍କୁ ଉତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ମୁଖ୍ୟବକ୍ତାଭାବେ ଡ. ସତ୍ୟପ୍ରିୟ ମହାଳିକ ଯୋଗଦେଇ କହିଥିଲେ, ସାହିତ୍ୟିକ ପ୍ରକୃତିର ଶୋଭାରାଜିରୁ ସାହିତ୍ୟ ସୃଷ୍ଟି କରିଥାନ୍ତି। ଈଶ୍ୱର ମଣିଷ ଭିତରେ ଥାଆନ୍ତି। ଶୋଇ ପଡ଼ିଥିବା ମଣିଷକୁ କିପରି ଉଠାଯାଇ ପାରିବ ତାହା ସାହିତ୍ୟିକମାନେ କଲମ ମୁନରେ ସୃଷ୍ଟିକରିଥାନ୍ତି। ଅତିଥିଭାବେ ପ୍ରଫେସର ଗୁରୁଚରଣ ବେହେରା, ପ୍ରଫେସର ପ୍ରସନ୍ନ ମିଶ୍ର ଯୋଗଦେଇ ପ୍ରମୁଖ ସାହିତ୍ୟ ସ୍ରଷ୍ଟାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହାପରେ ଗୋକର୍ଣ୍ଣିକା ପତ୍ରିକା, ରମାକାନ୍ତ ଜେନାଙ୍କ ପ୍ରବନ୍ଧ ପୁସ୍ତକ ବିବିଧ ବିମର୍ଶ, ରଶ୍ମିରାଣୀ ଦାଶଙ୍କ ଗବେଷଣା ପୁସ୍ତକ ଉତ୍ତର ଆଧୁନିକତା, କବି ନୃସିଂହ ତରାଇଙ୍କ କବିତା ପୁସ୍ତକ ପ୍ରଶ୍ନକାଳକୁ ଅତିଥି ଉନ୍ମୋଚନ କରିଥିଲେ।

ଡ. ଗୌରହରି ଦାସଙ୍କୁ ଗୋକର୍ଣ୍ଣିକା ପୁରସ୍କାର, ପ୍ରଫେସର ଗୁରୁଚରଣ ବେହେରାଙ୍କୁ ବୈକୁଣ୍ଠନାଥ ସ୍ମୃତି ପୁରସ୍କାର, ପ୍ରଫେସର ପ୍ରସନ୍ନ ମିଶ୍ରଙ୍କୁ ବଂଶୀଧର ସ୍ମୃତି ପୁରସ୍କାର, ଡ. ସତ୍ୟପ୍ରିୟ ମହାଳିକଙ୍କୁ ଗୋକର୍ଣ୍ଣିକା ବିଷୁବ କଥା ସମ୍ମାନ, ମିନତି ସାହୁଙ୍କୁ ଗୋକର୍ଣ୍ଣିକା ସମାଜସେବା ସମ୍ମାନ, ପ୍ରଫେସର ମଣିନ୍ଦ୍ର ମେହେରଙ୍କୁ ପ୍ରବନ୍ଧ ସମ୍ମାନ, ସଙ୍ଘମିତ୍ରା ଭଞ୍ଜଙ୍କୁ ବିଷୁବ ପ୍ରବନ୍ଧ ସମ୍ମାନ, ଜ୍ଞାନୀଦେବାଶିଷ ମିଶ୍ର ଓ ଦେବୀପ୍ରସାଦ ଶତପଥୀଙ୍କୁ ପ୍ରବନ୍ଧ ସମ୍ମାନ, କବି କମଳ ମହାନ୍ତି, ନୃସିଂହ ତରାଇ, ବୃନ୍ଦାବନ ଦାସଙ୍କୁ କବିତା ସମ୍ମାନ, ଜୟନ୍ତୀ ସାହୁଙ୍କୁ ବିଷୁବ ଗଳ୍ପ ସମ୍ମାନ, କବି ଭୂବନମୋହନ ମହାନ୍ତିଙ୍କୁ ପତ୍ରିକା ସମ୍ପାଦନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ବିଜୟ ଶତପଥୀ, ପ୍ରଶାସକ ଧନଞ୍ଜୟ ସ୍ୱାଇଁ, ମୂରଲୀଧର ସାମଲ, ଶ୍ରୀହରି ଧଳ, ମାଧୁରୀ ଶତପଥୀ ପ୍ରମୁଖ ଉପରୋକ୍ତ ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ। କବୟିତ୍ରୀ ପ୍ରେମଲତା ମହାରଣା ପ୍ରଦତ୍ତ ମାନପତ୍ରଗୁଡ଼ିକୁ ପାଠ କରିଥିଲେ।

ଏହି ଅବସରରେ ଟିକାୟତ ସପ୍ତାର୍ଷିସ ଟ୍ରଷ୍ଟ ପକ୍ଷରୁ ବାଦଲ ନାୟକ, ଶ୍ରୀଭାସ ସମଦର୍ଶୀ, ପ୍ରତିସ୍ୱିନୀ ପ୍ରିୟଦର୍ଶିନୀଙ୍କୁ ଅର୍ଥରାଶି ସହ କୁନିପ୍ରତିଭା ସମ୍ମାନରେ ମିନତି ସାହୁ, ବିଦ୍ୟୁତ୍‌ଲତା ଦାଶ, ପଦ୍ମଜା ଶରଣ ସମ୍ବର୍ଦ୍ଧିତ କରିଥିଲେ।

୨ୟ ଅଧିବେଶନରେ କବିତା ପାଠ ଉତ୍ସବ କବି ଧନଞ୍ଜୟ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରଦତ୍ତ କବିତାଗୁଡ଼ିକୁ କବି ପଦ୍ମଜା ଶରଣ ସଂଯୋଜନା କରିଥିଲେ। ଏଥିରେ ବହୁକବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଥମ ଅଧିବେଶନକୁ ଅଧକ୍ଷ ମହେଶ୍ୱର ପାଢ଼ୀ ସଞ୍ଚାଳନ କରିଥିବାବେଳେ ପଣ୍ଡିତ ବ୍ରଜକିଶୋର ଦାଶ ଶ୍ଳୋକ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ରୁଦ୍ରନାରାୟଣ ପୃଷ୍ଟି ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇନ୍ଦୁପ୍ରଭା ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ହୃଷୀକେଶ ସାମଲ ଧନ୍ୟବାଦ ଦେଇଥିଲେ।



ଗୋକର୍ଣ୍ଣିକା ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥି ଉନ୍ମୋଚନ କରୁଛନ୍ତି।

# ଏସ୍କର୍ଟରେ ଚାଲିଛି ଗୋଚାଲାଣ

■କଂସେଇଖାନାକୁ ଚାଲାଣ ହେଉଛନ୍ତି ଗୋରୁ
■୨ ମାସରେ ଉଦ୍ଧାର ହେଲେଣି ୮୫ ଗୋରୁ

ନୟାଗଡ,୨୬।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଆନ୍ତଃରାଜ୍ୟ ଗୋଚାଲାଣ ର୍ୟାକେଟ ସକ୍ରିୟ ରହିଥିବା ଅଭିଯୋଗ ହୋଇ ଆସୁଛି। ଗୋଚାଲାଣ ଗାଡି ଆଗରେ ଓ ପଛରେ ଏସ୍କର୍ଟ ମାଧ୍ୟମରେ କଂସେଇଖାନାକୁ ଗୋଚାଲାଣ କରାଯାଉଛି। ଗତ ୨ମାସ ମଧ୍ୟରେ ନୟାଗଡ ସଦର, ଗଣିଆ, ଇଟାମାଟି ଓ ଫତେଗଡ ଥାନା ପୋଲିସ ୮୫ ଗୋରୁ ଉଦ୍ଧାର କରିବା ଘଟଣା ଗୋଚାଲାଣ ର୍ୟାକେଟକୁ ପ୍ରମାଣିତ କରୁଛି। ଗତ ମାର୍ଚ୍ଚ ୧ତାରିଖରେ ଶଙ୍ଖେଇଠାରୁ ଇଟାମାଟି ଥାନା ପୋଲିସ ଟ୍ରକ, ଟାଟା ଏସିଇ ଜବତ କରିବା ସହ ୨୦ ଗୋରୁଙ୍କୁ ଉଦ୍ଧାର କରିଥିଲା। ସେହିପରି ଗତ ମାର୍ଚ୍ଚ ୧୮ ତାରିଖ ରାତିରେ ଗଣିଆ ଥାନା ପୋଲିସ ୨ ପିକ୍‌ଅପ ଭ୍ୟାନ, ଗୋଟିଏ ବୋଲେରୋ ସହ ୨୧ଟି ଗୋରୁ ଓ ଗତ ମାର୍ଚ୍ଚ ୧୯ରେ ଫତେଗଡ ଥାନା ପୋଲିସ ଟ୍ରକ ସହ ୩୦ ଗୋରୁ ଉଦ୍ଧାର କରିଥିଲା। ପୁଣି ଗତ ୨୪ ତାରିଖ ରାତିରେ ହିରାଦେଇପୁରଠାରୁ ନୟାଗଡ ସଦର ଥାନା ପୋଲିସ ୧୪ଟି ଗୋରୁ ଅନୁରୂପ ଭାବେ ଉଦ୍ଧାର କରିଛି। ବେଆଇନ ଗୋଚାଲାଣ ରୋକିବା ନେଇ ପ୍ରିଭେନ୍ସନ ଅଫ୍ କ୍ରୁଏଲିଟି ଟୁ ଆନିମଲ ଆଇନ ରହିଥିଲେ ମଧ୍ୟ ନୟାଗଡ ଜିଲାରେ ତାହା ଶୀତଳଭଣ୍ଡାରରେ ପଡି ରହିଛି। କେତେଜଣ ବ୍ୟବସାୟୀ ଖୋର୍ଦ୍ଧା ଜିଲାର ବେଗୁନିଆ ଅଞ୍ଚଳକୁ ନେଇ ଗୋରୁଙ୍କୁ ବଡ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ଆଉ କିଛି ସିଧାସଳଖ କୋଲକାତାକୁ ଚାଲାଣ କରୁଛନ୍ତି। ଜିଲାର ବିଭିନ୍ନ ରାସ୍ତାରେ ଗୋଚାଲାଣ ହେଉଥିଲେ ମଧ୍ୟ ଅଧିକାଂଶ ଗୋରୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଚାଲାଣ ହେଉଛନ୍ତି। ଆଉ ଜାତୀୟ ରାଜପଥ ଗୋଚାଲାଣ ପାଇଁ ନିରାପଦ ପାଲଟିଛି।

ଅଭିଯୋଗ ଅନୁସାରେ ଗୋଚାଲାଣ ଟ୍ରକ୍‌ର ଆଗରେ ପଛରେ ଏସ୍କର୍ଟ ଦେଇ ଗୋଚାଲାଣ ଚାଲିଛି। ଏସ୍କର୍ଟରେ ରାସ୍ତା କ୍ଲିଅର କରୁଛନ୍ତି ବାଇକ ଆରୋହୀ କେତେଜଣ ମାରଣାସ୍ତ୍ରଧାରୀ ମୁଷ୍ଟିମେୟ ଯୁବକ। ଏହି କାର୍ଯ୍ୟରେ ଚାରିଚକିଆ ଯାନ ବି ନିୟୋଜିତ ହେଉଛି। ଭଲରେ ଗୋଚାଲାଣ ହେଲେ ସେମାନଙ୍କୁ ମୋଟା ରକମର ଅର୍ଥ ମିଳୁଛି। ଏସ୍କର୍ଟ ଦଳର ସିଗ୍ନାଲ ମିଳିବା ପରେ ଗୋରୁ ଟ୍ରକ ଆଗକୁ ବଢ଼େ। ପ୍ରକୃତ ଗୋଚାଲାଣକାରୀ ଟ୍ରକ୍‌ରେ ଯାଉନାହାନ୍ତି। ଏସ୍କର୍ଟ ସମ୍ପର୍କରେ ଗତ ମାର୍ଚ୍ଚ ୧ତାରିଖ ରାତିରେ ପ୍ରତାପପ୍ରସାଦ ଦର୍ପନାରାୟଣପୁର ରାସ୍ତାର ଶଙ୍ଖେଇଠାରୁ ୨୧ ଗୋରୁ ଉଦ୍ଧାର ସମୟରେ ଜଣାପଡିଥିଲା। ସେହିପରି ଗତ ୨୪ ତାରିଖ ରାତିରେ ହିରାଦେଇପୁରଠାରୁ ମଧ୍ୟ ଏସ୍କର୍ଟର ସୂଚନା ମିଳିଛି। ଉଭୟ ସ୍ଥାନରୁ ଏସ୍କର୍ଟର କେତୋଟି ବାଇକ ଓ ଅନ୍ୟ ଗାଡି ମିଳିଛି। ପୂର୍ବରୁ ମଧ୍ୟ ବିଭିନ୍ନ ସମୟରେ ଏସ୍କର୍ଟ କରି ଯାଉଥିବାର ପୋଲିସ ପ୍ରମାଣ ପାଇଛି। ଏ ସମ୍ପର୍କରେ ଜଣେ ଗୋଚାଲାଣକାରୀ ଏଜେଣ୍ଟଙ୍କ ସୂଚନା ଅନୁସାରେ ଗୋଚାଲାଣ ଏବେ ଭଲ ବ୍ୟବସାୟ ଚାଲିଛି। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥ, ନୂଆ ଜଗନ୍ନାଥ ସଡକରେ ଗୋଚାଲାଣ କରାଯାଉଛି। ବେଳେ ବେଳେ ଆମ ଗାଡି ଧରାପଡୁଛି, ହେଲେ କିଛି ଅସୁବିଧା ନାହିଁ। ଆମର ଗୋଚାଲାଣକାରୀମାନେ ଧରା ପଡୁନାହାନ୍ତି। ନୟାଗଡ ସଦର ଥାନା ଆଇଆଇସି ପ୍ରିୟତମା ପ୍ରଧାନ ଓ ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତ କୁହନ୍ତି, ବେଆଇନ ଗୋଚାଲାଣକୁ ରୋକିବା ପାଇଁ ପୋଲିସ ପକ୍ଷରୁ ଧରପଗଡ କରାଯାଇ ସୁଫଳ ମିଳିଛି। ଆମେ ବେଆଇନ ଗୋଚାଲାଣକାରୀଙ୍କୁ ଧରିଛୁ। ଏସ୍କର୍ଟରେ ଗୋଚାଲାଣ ଚାଲୁଥିବା ଜଣାପଡିଛି। ପୋଲିସ ପକ୍ଷରୁ ଚଢ଼ାଉ ତ୍ୱରାନ୍ୱିତ ହେଉଛି ବୋଲି ସେମାନେ କହିଛନ୍ତି।

## ସାହିତ୍ୟ ଭିତରେ ମିଛର ସ୍ଥାନ ନାହିଁ



ରଜନୀଗନ୍ଧା ସାହିତ୍ୟ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ରଜନୀଗନ୍ଧା ସାହିତ୍ୟ ପତ୍ରିକାର ସାରସ୍ୱତ ସମାରୋହ

ନୟାଗଡ଼, ୨୬।୪(ଲୋକନାଥ ମିଶ୍ର)

ମୁକ୍ଳିତ ରଜନୀଗନ୍ଧା ସାହିତ୍ୟ ପତ୍ରିକାର ବାର୍ଷିକ ସାରସ୍ୱତ ସମାରୋହ-୨୦୨୬ ରବିବାର ନୟାଗଡ଼ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରଜନୀଗନ୍ଧା ସାହିତ୍ୟ ପତ୍ରିକା ପକ୍ଷରୁ ଆୟୋଜିତ ଉତ୍ସବରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୂର୍ଯ୍ୟ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ରକ୍ଷକ ନାୟକ, ସାହିତ୍ୟିକ କାଳିପଦ ପଣ୍ଡା, ବିଶିଷ୍ଟ ଗାଳ୍ପିକ ସୁନୀଲ୍ ମିଶ୍ର, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପିକା ପ୍ରିୟମ୍ୱଦା ଦାସ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ସାହିତ୍ୟିକ ନିର୍ମଳ ଚନ୍ଦ୍ର ଶୂରଦେଓ ସଭାପତିତ୍ୱ କରିଥିଲେ। ବକ୍ତାମାନେ କହିଥିଲେ, ସାହିତ୍ୟ ଇତିହାସକୁ ଭାଙ୍ଗେ ଓ ଗଢ଼େ। ସାହିତ୍ୟ ଭିତରେ ମିଛର ସ୍ଥାନ ନାହିଁ। ସାହିତ୍ୟିକଟିଏ ଯାହା ସତ ତାହା ହିଁ ଦର୍ଶାଇଥାଏ। ଏହି ଅବସରରେ ସାମଗ୍ରିକ ସାହିତ୍ୟକୃତି ପାଇଁ ଡ. ବିଜୟ କୁମାର ଚୌଧୁରୀଙ୍କୁ ରଜନୀଗନ୍ଧା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ରଜନୀଗନ୍ଧାର ବାର୍ଷିକ ସଂଖ୍ୟାକୁ ଉନ୍ମୋଚନ କରିଛନ୍ତି।

ସେହିପରି ସାରସ୍ୱତ ସାଧନା କ୍ଷେତ୍ରରେ ବିଜୟ କୁମାର ମହାନ୍ତିଙ୍କୁ ରଜନୀଗନ୍ଧା ପ୍ରବନ୍ଧ ସମ୍ମାନ, ତପନ ମହାପାତ୍ରଙ୍କୁ ରଜନୀଗନ୍ଧା ଗଳ୍ପ ସମ୍ମାନ, ଭିକାରୀ ଧଳଙ୍କୁ ରଜନୀଗନ୍ଧା କବିତା ସମ୍ମାନ, କନକ ମଞ୍ଜରୀ ପଟ୍ଟନାୟକଙ୍କୁ ରଜନୀଗନ୍ଧା ଅନୁବାଦ ସମ୍ମାନ, ବିଶ୍ୱନାଥ ମହାପାତ୍ରଙ୍କୁ ରଜନୀଗନ୍ଧା ଉପନ୍ୟାସ ସମ୍ମାନ, ନାଟ୍ୟକାର ଗଦାଧର ନନ୍ଦଙ୍କୁ ରଜନୀଗନ୍ଧା ନାଟକ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଦ୍ୱିତୀୟ ଅଧିବେଶନରେ ଶତାଧିକ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ନୟାଗଡ଼ ଜିଲା ଲେଖକ ପରିଷଦର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା ନୀଳିମା ନନ୍ଦ, କବି ପ୍ରଭାତ ମିଶ୍ର, କବି ଶେଖ୍ ଅବ୍‌ଦୁଲ ଖାଲିକ ଓ ନିର୍ମଳ ଚନ୍ଦ୍ର ଶୂରଦେଓ ଅତିଥିଭାବେ ଯୋଗଦେଇଥିଲେ। ଗୋପୀନାଥ ସେଠୀ, କ୍ଷଣପ୍ରଭା କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୧୮୨ କିଲୋ କଂସା ପିତ୍ତଳ ଘଣ୍ଟି ଆଶ୍ରମକୁ ଗଲା

ଖଣ୍ଡପଡ଼ା, ୨୬।୪
(ଅଜୟ କୁମାର ମହାରଣା)



ରାଜ୍ୟ ତଥା ରାଜ୍ୟ ବାହାରେ କଣ୍ଟିଲୋର କଂସା ପିତ୍ତଳ ବାସନ ଶିଳ୍ପ ପ୍ରସିଦ୍ଧି ଲାଭ କରିଛି। ସଂପ୍ରତି ଏହି ଶିଳ୍ପ ଲାଗି କଞ୍ଚାମାଲ୍‌ର ଅଭାବ ସାଙ୍ଗକୁ ବଜାର ଚାହିଦା କ୍ରମଶଃ ହ୍ରାସ ପାଇଛି । ମାତ୍ର ଏହି ଅଞ୍ଚଳର ପ୍ରତିଷ୍ଠିତ ଏକ ଶିଳ୍ପାନୁଷ୍ଠାନ(ଶିଳ୍ପୀଶ୍ରୀ) ପକ୍ଷରୁ କଂସା ପିତ୍ତଳ ଧାତୁରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, ବିଶିଷ୍ଟ ରାଜନୈତିକ ବ୍ୟକ୍ତିଙ୍କ ମୂର୍ତ୍ତି, ବିଶେଷକରି ୧୪ ଫୁଟ ଉଚ୍ଚତାବିଶିଷ୍ଟ ମହାତ୍ମା ଗାନ୍ଧୀ ଓ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି କାରିଗରର ନୈପୁଣ୍ୟତା ତଥା କାରିଗରି କୌଶଳ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରଶଂସିତ ହୋଇଛି । ଏ ପରିପ୍ରେକ୍ଷୀରେ ଏହି ସଂସ୍ଥା ପକ୍ଷରୁ ପ୍ରସ୍ତୁତ ୨୦ଇଞ୍ଚ ଉଚ୍ଚତାବିଶିଷ୍ଟ ପ୍ରାୟ ୧୮୨ କିଲୋ ଓଜନର ଏକ କଂସା ପିତ୍ତଳ ଘଣ୍ଟି ଭୁବନେଶ୍ୱର ଦାରୁଠେଙ୍ଗ ଅଞ୍ଚଳରେ ଥିବା ଏକ ମହିମା ଆଶ୍ରମକୁ ଗତ ୧୬ ତାରିଖରେ ପଠାଯାଇଥିବା ସଂସ୍ଥାର ମୁଖ୍ୟ କାରିଗର ସରୋଜ କୁମାର ମହାରଣା ସୂଚନା ଦେଇଛନ୍ତି। ପୂର୍ବରୁ ପ୍ରାୟ ୬ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଓଜନର ପିତ୍ତଳ ଘଣ୍ଟି କଟକ ଅଞ୍ଚଳକୁ ଯାଇଥିବା ସେ ପ୍ରକାଶ କରିଥିଲେ ।

## ଓଡ଼ଗାଁ ଶ୍ରୀରଘୁନାଥଜୀଉ ମନ୍ଦିର ପରିଦର୍ଶନ କଲେ ଜିଲାପାଳ

ଓଡ଼ଗାଁ,୨୬।୪(ନାରାୟଣ ପାଣିଗ୍ରାହୀ)

ନୟାଗଡ଼ ଜିଲାପାଳ ମଧୁମିତା ରଥ ରବିବାର ଓଡ଼ଗାଁ ଶ୍ରୀରଘୁନାଥଜୀଉ ମନ୍ଦିର ପରିଦର୍ଶନ କରିଥିଲେ। ତାଙ୍କ ସହିତ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଉପସ୍ଥିତ ଥିଲେ। ମନ୍ଦିରରେ ପ୍ରଭୁ ଶ୍ରୀରାମ, ମାତା ଜାନକୀ ଓ ଭ୍ରାତା ଲକ୍ଷ୍ମଣଙ୍କୁ ଦର୍ଶନ କରି ପ୍ରଭୁକୃପା ଲାଭ କରିଥିଲେ। ରାଜରାଜୁଡ଼ା ସମୟର ମନ୍ଦିରର କାରୁକାର୍ଯ୍ୟ ଦେଖି ଜିଲାପାଳ ବିମୋହିତ ହୋଇଥିଲେ। ୩ ବର୍ଷ ତଳେ ମନ୍ଦିରର ବିକାଶ ପାଇଁ ପୂର୍ବ ସରକାର ସାଢ଼େ ୩ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଏଥିରେ ମନ୍ଦିରର ମରାମତି, ରାମବିହାର ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ସୁବଳୟା ପାହାଡ଼ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରହିଥିଲା। କିନ୍ତୁ ତାହା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସେ ସବୁକାମ ସାରିବାକୁ ପୂଜକ ଓ ସେବାୟତମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ହେବ ବୋଲି କହିଥିଲେ। ଗସ୍ତ ସମୟରେ ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର ଓ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଉପସ୍ଥିତ ଥିଲେ।



ଓଡ଼ଗାଁ ଶ୍ରୀରଘୁନାଥଜୀଉ ମନ୍ଦିର ପରିଦର୍ଶନ ଅବସରରେ ଅନ୍ୟମାନଙ୍କ ସହ ଜିଲାପାଳ।

## ନୀଳମାଧବ ବ୍ୟାଖ୍ୟାନ କେନ୍ଦ୍ର ନିଲାମ ଅବଧି ବୃଦ୍ଧି ଦାବି

ଖଣ୍ଡପଡା,୨୬।୪(ଅଜୟ କୁମାର ମହାରଣା)

ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର ଉତ୍ତରଦ୍ୱାର ମହାନଦୀ କୂଳରେ ଥିବା ନୀଳମାଧବ ବ୍ୟାଖ୍ୟାନ କେନ୍ଦ୍ର(ନୀଳମାଧବଜୀଉଙ୍କ ଐତିହ୍ୟ ସମ୍ପର୍କିତ ମ୍ୟୁଜିୟମ)ର ନିଲାମ ଅବଧିକୁ କାର୍ଯ୍ୟାଳୟ ନିର୍ଦ୍ଦେଶନାମା(ସର୍ତ୍ତ) ଅନୁସାରେ ବୃଦ୍ଧି କରିବାକୁ ନିଲାମଧାରୀ ନିବେଦନ କରିଛନ୍ତି। ଉକ୍ତ ବ୍ୟାଖ୍ୟାନ କେନ୍ଦ୍ରକୁ ଗତ ୨୦୨୪ ଜାନୁୟାରୀ ୧୯ରେ ୨ବର୍ଷ ପାଇଁ ଦେବୋତ୍ତର କାର୍ଯ୍ୟାଳୟ କଣ୍ଟିଲୋ ପକ୍ଷରୁ ନିଲାମ ଦିଆଯାଇଥିଲା । ସୁଜିତ କୁମାର ନିଶଙ୍କ ୩ ଲକ୍ଷ ୨୦ହଜାର ଟଙ୍କାରେ ନିଲାମ ନେଇଥିଲେ। ସର୍ତ୍ତ ଅନୁସାରେ ଉକ୍ତ ନିଲାମ ଅବଧି ସମୟ ୨୦୨୪ ଜାନୁୟାରୀ ୨୧ଠାରୁ ୨୦୨୬ ଜାନୁୟାରୀ ୨୦ରେ ଶେଷ ହେବା ପୂର୍ବରୁ ନୀଳମାଧବ ବିକାଶ ପ୍ରକଳ୍ପରେ ସାମିଲ ରହିଥିବା ସମ୍ପୃକ୍ତ ବ୍ୟାଖ୍ୟାନ କେନ୍ଦ୍ରର ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲୁ ରହିଥିଲା । ଫଳରେ ପର୍ଯ୍ୟଟକମାନେ ମ୍ୟୁଜିୟମ ପରିଦର୍ଶନ କରିବାରେ ବାଧକ ସାଜିଥିଲା । ଏଥିଯୋଗୁ ନିଲାମଧାରୀ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଥିଲେ । ଅଭିଯୋଗ ପରେ ଏହାକୁ ଦୃଷ୍ଟିରେ ରଖି ତତ୍କାଳୀନ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ୨୦୨୪ ନଭେମ୍ବର ୨୭ରେ ୫ଟି ଅଧୀନରେ ମ୍ୟୁଜିୟମ କାମ ଚାଲୁ ରହୁଥିବାରୁ ଏହାର ନିଲାମ ଅବଧିକୁ ୨୦୨୭ ଡିସେମ୍ବର ୨୦ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ମାତ୍ର ଦେବୋତ୍ତର କାର୍ଯ୍ୟାଳୟ ପକ୍ଷରୁ ପୂର୍ବ ସୂଚନା ଦିଆ ନ ଯାଇ ୫ଟି କାମ ଶେଷ ହୋଇ ଆସୁଥିବାରୁ ଏହାର ଅର୍ଡର ନଂ. ୨୩/ ୧୦।୮।୨୦୨୫ରେ ପୁନର୍ବାର ଚିଠି କରି ଏହାର ଅବଧିକୁ ୧ ବର୍ଷ ପରିବର୍ତ୍ତେ ୭୫ ଦିନକୁ ବର୍ଦ୍ଧିତ କରି ଗତ ୨୦୨୬ ମାର୍ଚ୍ଚ ୩୧ରେ ଅବଧି ଶେଷ ହେଲା ବୋଲି ଗତ ୧୫ ତାରିଖରେ ଆଦେଶ ପ୍ରଦାନ କରାଯାଇଥିଲା । ପ୍ରଶାସନିକ କର୍ତ୍ତୃପକ୍ଷ ନିଲାମ ଆଦେଶକୁ ରଦ୍ଦ କରି ପୂର୍ବ ଆଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ନିଲାମଧାରୀ ଦାବି କରିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରେ ତତ୍କାଳୀନ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ନିଲାମ ଅବଧିକୁ ପୃଥକ୍ ପୃଥକ୍ କାର୍ଯ୍ୟାଳୟ ପତ୍ର ମାଧ୍ୟମରେ ବୃଦ୍ଧି କରିବା ଏବଂ ହ୍ରାସ କରିବା ଆଦେଶ ପ୍ରଦାନ କରିଛନ୍ତି। ଏହାର ନିଲାମ ଅବଧି ଶେଷ ହୋଇଯାଇଛି । ଏହି ଆଦେଶାନୁସାରେ ଚଳିତ ମାସଠାରୁ ବ୍ୟାଖ୍ୟାନ କେନ୍ଦ୍ରର ନିଲାମ ପାଇଁ ପ୍ରକ୍ରିୟା ଅନ୍‌ଲାଇନ ମାଧ୍ୟମରେ ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଯୁବରାଜ



@ ଅଂଶୁମାନ



@ ପିଙ୍କୁ



@ ପ୍ରମୋଦ



@ ଦେବରାଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅସମ୍ପୂର୍ଣ୍ଣ ମଙ୍ଗଳା ମନ୍ଦିର ସମ୍ପୂର୍ଣ୍ଣ କରିବାକୁ ଦାବି

ଖଣ୍ଡପଡ଼ା,୨୬।୪
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ବଡ଼ବାଣପୁର ଗ୍ରାମ ମହାଦେବ ସାହିସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠ ଅବହେଳିତ ଅବସ୍ଥାରେ ରହିଛି। ଏଠାରେ ଶ୍ରଦ୍ଧାଳୁଙ୍କ ପାଇଁ ବିଶ୍ରାମ ଗୃହ ଅଭାବରୁ ଖରା, ବର୍ଷା ସମୟରେ ସମସ୍ୟା ଦେଖାଦେଇଥାଏ। ମନ୍ଦିରକୁ ପ୍ରତ୍ୟହ ସ୍ଥାନୀୟ ଗ୍ରାମର ମହିଳାମାନେ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି। ଓଷାବ୍ରତ ସମୟରେ ଆଖପାଖ ଅଞ୍ଚଳରୁ ବହୁ ମହିଳାଙ୍କ ସମାଗମ ହୋଇଥାଏ। ୨୦୧୮ ମସିହାରେ ସାଂସଦ ପାଣ୍ଠିରୁ ୪ଲକ୍ଷ ଟଙ୍କା ଅନୁଦାନରେ ବିଶ୍ରାମ ଗୃହ ନିର୍ମାଣ ଆରମ୍ଭ କରାଯାଇଥିଲେ ମଧ୍ୟ ୬ ବର୍ଷ ପରେ ବି ତାହା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଉକ୍ତ ବିଶ୍ରାମ ଗୃହକୁ ସମ୍ପୂର୍ଣ୍ଣ କରାଯିବା ପାଇଁ ପଦକ୍ଷେପ ନେବାକୁ ଗ୍ରାମର ମହିଳାମାନେ ଦାବି କରିଛନ୍ତି।

## ମରିଚିଆ ପ୍ରିମିୟର ଲାଙ୍ଗୁଏଜ୍ କ୍ରିକେଟ ଟୁର୍ନାମେଣ୍ଟ
## ଫିୟରଲେସ୍ ଇଲେଭେନ୍ ଚାମ୍ପିୟନ

ଭାପୁର, ୨୬।୪(ପ୍ରଭାତ ବରାଡ଼)

ନୟାଗଡ଼ ଜିଲା ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ଅଧୀନ ମରିଚିଆ ଗ୍ରାମ ଖେଳପଡ଼ିଆରେ ଚାଲିଥିବା ମରିଚିଆ ପ୍ରିମିୟର ଲାଙ୍ଗୁଏଜ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଫିୟରଲେସ୍ ଇଲେଭେନ୍ ୨୦୨୬ ମସିହାର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଫାଇନାଲ ମ୍ୟାଚରେ ଫିୟରଲେସ୍ ଇଲେଭେନ୍ ଓ ଗେମ୍ ଚେଞ୍ଜର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ପ୍ରଥମେ ଫିୟରଲେସ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ୍ ହରାଇ ୧୩୬ ରନ କରିଥିଲା। ଜବାବରେ ଗେମ୍ ଚେଞ୍ଜର ୧୩.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୮୫ ରନ୍‌କରି ପରାଜିତ ହୋଇଥିଲା। ଫିୟରଲେସ୍ ଇଲେଭେନ ୫୧ ରନରେ ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ମ୍ୟାନ୍ ଅଫ୍ ମ୍ୟାଚ୍ ହଣ୍ଟର ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ମଳୟ ବିବେଚିତ ହୋଇଥିଲେ। ଏହି ଖେଳକୁ ପରିଚାଳନା କରିଥିଲେ ବିଜୟ ମାନ୍‌ସିଂ, କୁମାର ମାନ୍‌ସିଂ। ସ୍କୋରିଂରେ ସହାୟତା କରିଥିଲେ ଧିରେନ ଜୟସିଂ ଓ ସିଦ୍ଧାର୍ଥ ପ୍ରଧାନ। ଫାଇନାଲରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଯୋଗଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝୀ, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ମାନ୍‌ସିଂ, ଲକ୍ଷ୍ମୀଧର ଖୁଣ୍ଟିଆ, ସାମାଜିକ କର୍ମୀ ଅଜିତ୍ କୁମାର ପାଇକରାୟ ଯୋଗଦେଇଥିଲେ। ଚାମ୍ପିୟନ ଫିୟରଲେସ୍ ଇଲେଭେନ୍‌କୁ ଟ୍ରଫି ସହ ନଗଦ ୮ ହଜାର ଓ ରନରଅପ ଗେମ୍ ଚେଞ୍ଜର ଦଳକୁ ରନର ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରିଥିଲେ। ଉକ୍ତ ଟୁର୍ନାମେଣ୍ଟ ଆୟୋଜନରେ ମରିଚିଆ ପ୍ରିମିୟର ଲାଙ୍ଗୁଏଜ୍ କ୍ରିକେଟ୍ ଟିମ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

## ଭାଜପାର ବିକାଶ ସମାବେଶ

ଦଶପଲ୍ଲା, ୨୬।୪(ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲାରେ ରବିବାର ଭାଜପା ପକ୍ଷରୁ ବିକାଶ ସମାବେଶ ସହ ଜନ ଆକ୍ରୋଶ ଆନ୍ଦୋଳନ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ମହାବୀର ମନ୍ଦିରଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ମେଳିଆ ମୋଟାଠାରେ ପହଞ୍ଚିଥିଲା । ସେଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ବିରୋଧୀ ଦଳଭାବେ ଇଣ୍ଡି ମେଣ୍ଟ ଦ୍ୱାରା ୩୩% ମହିଳା ଆରକ୍ଷଣ ବିଲ୍‌କୁ ବିରୋଧ କରାଯିବାରୁ ଏହା କାଟ୍ ଖାଇଥିଲା। ଏହା ଦେଶର ୭୦ କୋଟିରୁ ଅଧିକ ନାରୀ ସମାଜର ସ୍ୱପ୍ନ ଓ ଅଧିକାର ସହ ସିଧା ବିଶ୍ୱାସଘାତକତା ବୋଲି ସମାବେଶରେ ଭାଜପା ନେତାମାନେ କହିଥିଲେ। ମହିଳା ଆରକ୍ଷଣ ବିଲ୍‌କୁ ବିରୋଧ କରିବା ଅର୍ଥ ସମଗ୍ର ନାରୀ ସମାଜର ସଶକ୍ତୀକରଣ ଓ ସମ୍ମାନକୁ ବିରୋଧ କରିବା। ମହିଳାମାନଙ୍କ ଅଧିକାର ପାଇଁ ଏ ଲଢ଼େଇ ଅବ୍ୟାହତ ରହିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସମାବେଶରେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ, ଭାଜପା ମହିଳା ସଭାପତି ନୟାଗଡ଼ ଅର୍ଚ୍ଚନା ଦାଶ, ସାଧାରଣ ସମ୍ପାଦିକା ସସ୍ମିତା ତ୍ରିପାଠୀ, ଝିଲିରାଣୀ ତାରେଣିଆ, ରଞ୍ଜୁବାଳା ପଣ୍ଡା, ଜ୍ୟୋସ୍ନାରାଣୀ ପ୍ରଧାନ, ଏନ୍‌ଏସି ଏବଂ ଦଶପଲ୍ଲା ବ୍ଲକର ସଭାନେତ୍ରୀ, ବ୍ଲକର ସମସ୍ତ ପଞ୍ଚାୟତର ବୁଥ୍ କମିଟି ମଣ୍ଡଳ ସଭାପତି ଓ କମିଟିବୃନ୍ଦ ଉପସ୍ଥିତ ଥିଲେ। ଏମ୍‌ପି ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା ପଞ୍ଚାୟତସ୍ତରରେ ବୈଠକ କରି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଆଲୋଚନା କରିଥିଲେ। ପୂର୍ବତନ ଉପାଧ୍ୟକ୍ଷ ପ୍ରଦୋଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ଞାନରଞ୍ଜନ ସାହୁ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଦଶପଲ୍ଲା ବ୍ଲକର ବହୁ ବିଜେଡି କର୍ମୀ ଭାଜପାରେ ଯୋଗଦାନ କରିଥିଲେ।



ସମାବେଶରେ ଯୋଗଦାନ କରିଥିବା ଏମ୍‌ପିଙ୍କ ସହ ବରିଷ୍ଠ କର୍ମୀ।

